ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.12, Bhubaneswar Monday, February 17, 2020 | ୨୩ତମ ବର୍ଷ ସଂଖ୍ୟା-୧୨ ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୭, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS






## ମହର୍ଷି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ-୨୦୨୦

ବାରିପଦା(ପିଏନ)-ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ପରିଚାଳନା ପରିଷଦ ସଭାପତି ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଫୁଲୱାମାରେ ଶହୀଦ ଜବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମୂହ ଗୁରୁପୂଜନ ହୋଇଥିଲା । ଗୁରୁ ପୂଜନ ପରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଡ.ଜଗନ୍ନାଥ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ଅଭିଭାଷଣରେ ଜ୍ଞାନକୁ ସମୁଦ୍ର ସହ ତୁଳନା କରିଥିଲେ ଏବଂ ଶିକ୍ଷକଶିକ୍ଷୟତ୍ରୀ ଓ ଅଭିଭାବକମାନଙ୍କୁପିଲାମାନଙ୍କ ପାଠ ପ୍ରତି ସଜାଗ୍ ରହି ପିଲାମାନଙ୍କୁ ଈଶ୍ୱର ବିଶ୍ୱାସୀ କରାଇବା ସହ ମନରେ ସକରାତ୍ମକ ଭାବେ ସଞ୍ଚାର କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଭୂପେଶ କୁମାର ସ୍ୱାମୀ ପିଲାମାନଙ୍କୁ ଦିଗଦର୍ଶନ ଦେଇ ଜ୍ଞାନ ରେଡିମେଡ ନୁହେଁ, ଯାହାକି ଆମେ ବଜାରରୁ କିଣିପାରିବା,ଏହାକୁ ସାଧନା କରି ପ୍ରାପ୍ତି କରିବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ । ମହର୍ଷି ସମୂହ ସ୍କୁଲର ଚେୟାରମ୍ୟାନ୍ ଡ. ପବିତ୍ର ମୋହନ ସାମନ୍ତରାୟ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ମହର୍ଷି ସ୍କୁଲ ଏକ ଆଦର୍ଶ ସ୍କୁଲ ହୋଇପାରିଥିବା ପଛରେ ମହର୍ଷି ମହେଶ ଯୋଗୀଙ୍କ ଆଧ୍ୟାତ୍ମିକ ଚିନ୍ତାଧାରା ଓ ଶିକ୍ଷାନୀତି ଏକ ଉଦାହରଣ ବୋଲି ମତବ୍ୟକ୍ତ କରିବା ସହ ପିଲାମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସର୍ବଶ୍ରେଷ୍ଠ ଛାତ୍ର ଭାବରେ ଏହି ବର୍ଷର



ଦଶମ ଶ୍ରେଣୀର ଛାତ୍ର ଅନିକେତ ସାହୁ ଓ ଶତପ୍ରତିଶତ ଉପସ୍ଥାନରେ ପ୍ରଥମ ଥିବା ନବମ ଶ୍ରେଣୀର ଛାତ୍ରୀ କୁମାରୀ ଭାଗ୍ୟଶ୍ରୀ ଦିଗାର୍‌ଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ସ୍କୁଲର ପ୍ରଶାସକ ଅଶୋକ କୁମାର କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପରେ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବାର୍ଷିକ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ସ୍କୁଲର ଶିକ୍ଷକ ଅରବିନ୍ଦ ପଟ୍ଟନାୟକ, କାଜଲକାନ୍ତି ମହାପାତ୍ର, ଚିନ୍ମୟ କୁମାର ଦାସ ଓ ଶିକ୍ଷୟିତ୍ରୀ ଅଞ୍ଜୁବାଲା ପାଲ, ଅରୁନ୍ଧତୀ ମହାନ୍ତି, ସୁଦେଷ୍ଣା ଘୋଷ, ରଞ୍ଜିତା ଶେଠପତ୍ତା, କସୱାର ନାହିଦ, ପଲ୍ଲବୀ ଦାସ, ବିଦ୍ୟୁତପ୍ରଭା ଜେନା, ପ୍ରତିମା ପୃଷ୍ଟି, ଗୁଲନାଜ୍ ପରବିନ୍,ରଶ୍ମିରେଖା ବାରିକ, ବିଜୟିନୀ ପଣ୍ଡା, ମିତାଲି ଭଦ୍ରା, ତାରିଣୀ ଦାସ, ମୋନା ଦାସ, ସୋନାଲୀ ପ୍ରଧାନ, କାଞ୍ଚନ ମହାନ୍ତଙ୍କ ସହ ଦୀପାଳି, ଚମ୍ପା, ଲକ୍ଷ୍ମୀ, ମାମୁନୀ ଓ ପାତ୍ର ବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସର୍ବଶେଷରେ ଜାତୀୟ ସଂଗୀତ ଗାନ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

## ରାଜ୍ୟରେ ବଢିବ ତାପମାତ୍ରା

ଭୁବନେଶ୍ୱର ,(ପିଏନ)- ରାଜ୍ୟରେ ଆଗାମୀ ଦିନରେ ତାପମାତ୍ରା ବଢିବ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କାର୍ଯ୍ୟାଳୟ ।

ଆଗାମୀ ତିନି -ଚାରି ଦିନ ମଧ୍ୟରେ ରାଜ୍ୟରେ ରାତ୍ରିର ତାପମାତ୍ରା ଦୁଇରୁ ତିନି ଡିଗ୍ରୀ ମଧ୍ୟରେ ବଢିବ । ଉଭୟ ଦିନ ଓ ରାତ୍ରୀର ତାପମାତ୍ରା ବଢିବା କାରଣରୁ ଫେବୃଆରୀ ମାସରେ ଗ୍ରୀଷ୍ମର ଅନୁଭବ ହେବ । ଆଗାମୀ ଦିନ ମାନଙ୍କରେ ରାଜ୍ୟର ବିଭିନ୍ନ ଅଂଚଳରେ ରାଜ୍ୟରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଓ ସର୍ବ ନିମ୍ନ ତାପମାତ୍ରା ୧୭ ଡିଗ୍ରୀ ଯାଏ ରହିବ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କାର୍ଯ୍ୟାଳୟ ।

## ୨୦ଟି ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ ହେବ

ଭୁବନେଶ୍ୱର (ପିଏନ)- ୨୦ଟି ପରୀକ୍ଷା କେନ୍ଦ୍ର ପରିବର୍ତନ କରା ଯିବ ବୋଲି ସୂଚନା ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ପରିଚାଳନା କମିଟିର ବୈଠକ ପରେ ସେ ଏହି ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ ଏହାକୁ ନେଇ ରାଜ୍ୟର କିଛି ବିଧାୟକ ମାନେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିଥିଲେ ।

## ୨୮ରେ ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଶାହା

ଭୁବନେଶ୍ୱର,(ପିଏନ)- ଚଳିତ ମାସ ୨୮ ତାରିଖରେ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା । ୨୮ ତାରିଖ ଅପରାହ୍ନରେ ଶ୍ରୀ ଶାହା ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା 'ନାଗରିକତା ସଂଶୋଧନ ଆଇନ' ସଂପର୍କିତ ଏକ ବିଶାଳ ଜନସଭାକୁ ଉଦ୍‌ବୋଧନ କରିବେ । ଶ୍ରୀ ଶାହା ୨୮ ତାରିଖ ଭୁବନେଶ୍ୱରଠାରେ ରାତ୍ରଯାପନ କରିବେ । ୨୯ ତାରିଖ ଦିନ ଶ୍ରୀ ଶାହା ପୁରୀ ଗସ୍ତ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବେ । ଏହା ପରେ ଶ୍ରୀ ଶାହା ଭୁବନେଶ୍ୱରଠାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କୁ ଦର୍ଶନ କରି ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ସୁଚନା ଦେଇଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ଶୀତକାଳୀନ ଅଧିବେଶନରେ ନାଗରିକତା ସଂଶୋଧନ ଆଇନ ବିଲ୍ ପାରିତ ହେବା ପରେ ଜାନୁଆରୀ ୫ ତାରିଖରୁ ଦେଶବ୍ୟାପୀ ଏହି ଆଇନ ସଂପର୍କରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ଆରମ୍ଭ ହୋଇଛି । ରାଜ୍ୟରେ ମଧ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଟକଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବ୍ରହ୍ମପୁରଠାରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ, ସମ୍ବଲପୁରଠାରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ଏବଂ ଜୟପୁରଠାରେ ସାଂସଦ ରୁପା ଗାଙ୍ଗୁଲି ଯୋଗଦାନ କରି ଏହି ଆଇନ ସଂପର୍କରେ ଅନୁଷ୍ଠିତ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ । ଏହା ବ୍ୟତୀତ ପ୍ରତ୍ୟେକ ଜିଲ୍ଲାରେ ନାଗରିକତା ସଂଶୋଧନ ଆଇନ ସଂପର୍କରେ ସଚେତନତା ରାଲି ଏବଂ ବିଶାଳ ଜମସମାବେଶ କରାଯାଇଛି । ନାଗରିକତା ସଂଶୋଧନ ଆଇନକୁ ସମର୍ଥନ କରି ପ୍ରତ୍ୟେକ ସ୍ଥାନରେ ଜନ ଜାଗରଣ କାର୍ଯ୍ୟକ୍ରମ, ଜନସଭା, ସଚେତନତା ସମାବେଶ ଆଦି କରାଯାଇଛି । ଏହା ସହ ବିଜେପି କାର୍ଯ୍ୟକର୍ତାମାନେ ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲାରେ ବୁଦ୍ଧିଜୀବୀ ସମ୍ମିଳନୀ, ପଦଯାତ୍ରା ସହ ଘରକୁ ଘର ଯାଇ ସିଏଏ ସଂପର୍କିତ ତଥ୍ୟ ପ୍ରଦାନ କରି ସାଧାରଣ ଲୋକଙ୍କୁ ସଚେତନ କରିଛନ୍ତି । ରାଜ୍ୟର ୧୦୦୪ ମଣ୍ଡଳର ୩୭୦୦୦ ବୁଥରୁ କାର୍ଯ୍ୟକର୍ତାମାନେ ନାଗରିକତା ସଂଶୋଧନ ଆଇନକୁ ସମର୍ଥନ କରି ପୋଷ୍ଟକାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ପରିପେକ୍ଷୀରେ ଆସନ୍ତା ୨୮ ତାରିଖ ଦିନ ଭୁବନେଶ୍ୱରଠାରେ ବିଶାଳ ଜନସଭା ଅନୁଷ୍ଠିତ ହେବ ବୋଲି ଶ୍ରୀ ମହାନ୍ତି ସୁଚନା ଦେଇ କହିଛନ୍ତି ।ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପରିବାରର ୪ ସଦସ୍ୟଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ବଣାଇ, (ପିଏନ)- ଜମିବାଡ଼ି ଓ ଟଙ୍କା ପଇସାକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ବଡ଼ ଭାଇଙ୍କ ପରିବାରର ୪ ସଦସ୍ୟଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏହି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅନ୍ତର୍ଗତ ଦେଉଳହୁଡ଼ି ଗ୍ରାମରେ । ମୃତକ ମାନେ ହେଲେ କାନ୍ଦେ ମୁଣ୍ଡା, ତାଙ୍କ ପତ୍ନୀ ସିମୁଳି ମୁଣ୍ଡା ଓ ସେମାନଙ୍କର ଦୁଇ ଶିଶୁ ମାମଲି ମୁଣ୍ଡା (୭) ଏବଂ ମାରା ମୁଣ୍ଡା (୫) । ଅଭିଯୁକ୍ତଙ୍କ ନାମ କାଳୀ ମୁଣ୍ଡା । ସେ କାନ୍ଦେ ମୁଣ୍ଡାଙ୍କ ସାନ ଭାଇ ।

ସୂଚନା ଅନୁଯାୟୀ, କାଳୀ ମୁଣ୍ଡା ଓ ତାଙ୍କ ବଡ଼ ଭାଇ କାନ୍ଦେ ମୁଣ୍ଡାଙ୍କ ମଧ୍ୟରେ ଜମିବାଡ଼ି ଓ ଟଙ୍କା ପଇସାକୁ ନେଇ ପୂର୍ବରୁ ବିବାଦ ରହିଥିଲା । ଗତକାଲି ରାତିରେ କାଳୀ ଓ କାନ୍ଦେଙ୍କ ମଧ୍ୟରେ ଜମିବାଡ଼ି ଓ ଟଙ୍କା ପଇସାକୁ ନେଇ ପୁର୍ନବାର ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ କାଳୀ ପ୍ରଥମେ କାନ୍ଦେ ମୁଣ୍ଡାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା । ଏହାପରେ ଭାଉଜ ସିମୁଳି ଓ ତାଙ୍କର ଦୁଇ ଶିଶୁଙ୍କୁ ହତ୍ୟା କରିଥିଲା । ଏହି ଘଟଣା ପରେ କାଳୀ ମୁଣ୍ଡା ଫେରାର୍ ହୋଇଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ୪ ମୃତଦେହକୁ ଜବତ କରିଛି । ଏଥିସହ କାଳୀ ମୁଣ୍ଡାକୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ।

## ମାଟ୍ରିକ୍ ପରୀକ୍ଷାର ତିନି ଦିନ ପୂର୍ବରୁ ବହି ମିଳିବା ଘଟଣାର ତଦନ୍ତ ହେବ: ମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମେଟ୍ରିକ୍ ପରୀକ୍ଷାର ତିନି ଦିନ ପୂର୍ବରୁ ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ମିଳିଛି ବହି । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତତ୍ପର ହୋଇଉଠିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଘଟଣାର ତଦନ୍ତ ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ଼କୁ କୁହାଯାଇଥିବା ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ।ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ବହି ବଂଟା ଯାଉଥିବା ନେଇ କିଛି ଅଭିଯୋଗ ନଜରକୁ ଆସିଛି । କାହିଁକି ବିଳମ୍ବ ହେଲା ତାହାର ତଦନ୍ତ ପାଇଁ ଶିକ୍ଷା ବୋର୍ଡ଼କୁ କୁହାଯାଇଛି । ଏଥିରେ ଯେଉଁମାନେ ଦାୟୀ ରହିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତେ ଓ ନବମ ଏବଂ ଦଶମ ଶ୍ରେଣୀର କେବଳ ଏସସି/ଏସଟି ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ପୁସ୍ତକ ଦେବାର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର । ହେଲେ ଚଳିତ ଶିକ୍ଷା ବର୍ଷରେ ପାଠ ପଢିବାକୁ ବହି ଦେଲେ ନାହିଁ । ବିନା ବହିରେ ବର୍ଷ ସାରା ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଗଲା । ଶେଷରେ ଧର୍ମକୁ ଆଖି ଠାର ଭଳି ପରୀକ୍ଷାର ଠିକ୍ ପୂର୍ବରୁ ପିଲାଙ୍କ ପାଇଁ ଗତକାଲି ଯାଇଛି ବହି । ଏହି ବହି ନେବା ପାଇଁ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଭିଡ଼ ଲାଗିଥିଲା ।ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥର ୫ ଲକ୍ଷ ୬୦ ହଜାର ୮୯୧ ଜଣ ଛାତ୍ରଛାତ୍ରୀ ୨,୮୮୮ ଟି କେନ୍ଦ୍ରରେ ପରୀକ୍ଷା ଦେବେ । ଏଥିପାଇଁ ୩୦୭ଟି ନୋଡ଼ାଲ ସେଂଟର କରାଯାଇଛି । ୨୨ଟି ପୋଲିସ ଷ୍ଟେସନକୁ ମଧ ନୋଡ଼ାଲ ସେଂଟର କରିବାକୁ ନିଷ୍ପତି ନିଆଯାଇଛି ।

## ପୂର୍ବ ଭାରତ ସମେତ ପୂର୍ବ ଏସିଆ ଏବଂ ବିଶ୍ୱ ବିକାଶ ଇଞ୍ଜିନର କେନ୍ଦ୍ରବିନ୍ଦୁ ହେବ ଓଡ଼ିଶା : ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ଆଗାମୀ ଦିନରେ ଓଡ଼ିଶା କେବଳ ଭାରତ ତଥା ପୂର୍ବ ଭାରତର ଅର୍ଥନୀତିର ଆବଶ୍ୟକତାକୁ ପୂରଣ କରିବ ନାହିଁ ବରଂ ଦକ୍ଷିଣ-ପୂର୍ବ ଏସିଆ ଏବଂ ବିଶ୍ୱ ବିକାଶ ଇଞ୍ଜିନର କେନ୍ଦ୍ରବିନ୍ଦୁ ମଧ ହେବ ବୋଲି ରବିବାର ନୂଆଦିଲ୍ଲୀ ଠାରେ ଓଡ଼ିଶା କର୍ପୋରେଟ୍ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଷ୍ଟାଟଅପ୍-ଜାତୀୟ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଇନୋଭେସନ ଏବଂ ଟେକ୍ନୋଲୋଜି ନୂଆ ବ୍ୟବସାୟିକ ମଡେଲକୁ ଜନ୍ମ ଦେଇଛି ଏବଂ ଶିଳ୍ପ ବିପ୍ଳବ ୪.୦ ଏଦିଗରେ ବଡ ପରିବର୍ତନ । ଓଡ଼ିଶାର ସ୍ୱତନ୍ତ୍ର ଭୌଗଳିକ ସ୍ଥିତି ଆଗାମୀ ଦିନର ସମ୍ଭାବ୍ୟ ଅର୍ଥନୀତିକୁ ଦର୍ଶାଉଛି ଏବଂ ପୂର୍ବ ଭାରତର ବିକାଶରେ ଏକ ପେଣ୍ଠସ୍ଥଳି ଭାବେ ଛିଡାହୋଇଛି ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଆ ସମାଜ ଏକ ବୌଦ୍ଧିକ ସମ୍ପନ୍ନ ସମାଜ । ଏହି ବୌଦ୍ଧିକ କ୍ଷମତା ମାଧ୍ୟମରେ ଓଡ଼ିଆ ଲୋକ ବିଶ୍ୱକୁ ଜୟ କରିପାରିବେ । ମାତ୍ର ଓଡ଼ିଆ ଲୋକ ତଥା ଓଡ଼ିଶାର ବିକାଶ ପାଇଁ ଏକ ଇକୋସିଷ୍ଟମ ତିଆରି କରିବାର ଆବଶ୍ୟକତା ରହିଛି । ଯଦ୍ୱାରା ଓଡିଶାର ସାଧାରଣ ଗରିବ ଘରର ଯୁବପିଢିମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତାକୁ ସଠିକ୍ ମାର୍ଗରେ ପ୍ରତିପାଦିତ କରିପାରିବେ ।

ବିଶେଷଭାବରେ ଲୋକଙ୍କ ଆତ୍ମବିଶ୍ୱାସକୁ ବଢାଇଲେ ହିଁ ରାଜ୍ୟ ଆଗକୁ ବଢିପାରିବ । ସେହିପରି ଯେଉଁ ପର୍ଯ୍ୟନ୍ତ ସମାଜ ଆଗକୁ ବଢିବ ନାହିଁ ସେହି ଅଞ୍ଚଳର ବିକାଶ ମଧ୍ୟ ଦ୍ରୁତଗାମୀ ହେବ ନାହିଁ । ତେଣୁ ସମାଜର ବିକାଶ ପାଇଁ ସବୁ ବର୍ଗର ଲୋକମାନେ ଆଗକୁ ଆସିବା ଦରକାର ।

ଓଡ଼ିଆ ପିଲାର ବୌଦ୍ଧିକ ଶକ୍ତି ଓଡ଼ିଆ ଜାତିର ସମ୍ବଳ । ଆମର ଦାୟିତ୍ୱ ଆମ ପିଲାମାନଙ୍କ ଭିତରେ ଥିବା ବୁଦ୍ଧିମତାକୁ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ରୂପ ଦେବା । ଏହା ହେଲେ ହିଁ ଓଡ଼ିଶାର ବିକାଶ ସମ୍ଭବ ଏବଂ ଏହା ସଂପ୍ରତି ସମୟର ଆହ୍ୱାନ ମଧ । ଯଦି ଆମେ ଉପଯୁକ୍ତ ଦକ୍ଷତା ବିକାଶରେ ସଫଳ ହେବା, ଆମର ପିଲା ଷ୍ଟାଟଅପ୍ ଏବଂ ଉଦ୍ୟୋଗୀ କ୍ଷେତ୍ରରେ ନୂଆ କୀର୍ତିମାନ ରଚିପାରିବେ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ରକେଟ୍ ଉତକ୍ଷେପଣ କ୍ଷେତ୍ରରେ ଉଚ୍ଚକୋଟୀର ଗବେଷଣା ପାଇଁ ଲିମକା ବୁକ୍ ରେକର୍ଡରେ ସ୍ଥାନ ପାଇଥିବା ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଦୂରଦୃଷ୍ଟି ପ୍ରଂଶସନୀୟ । ଓଡ଼ିଶାର ସାଧାରଣ ଘରର ମେଧାବୀ ପିଲାମାନେ ପାଠ ପଢିବା ସମୟରେ ହୀରାକୁଦ ଡ୍ୟାମର ସିଲିଟେସନ ସମସ୍ୟାର ସମାଧାନ ପାଇଁ ଚିନ୍ତା କଲେ । ଏହା ହିଁ ପାଠର ମୂଳ ଉଦ୍ଦେଶ୍ୟ ହେବା ଦରକାର ।

୨୦୩୬ ମସିହାକୁ ଓଡ଼ିଶାକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୧୦୦ ବର୍ଷ ପୂରିବ । ମାତ୍ର ସ୍ୱାଧୀନତାର ୭୫ ବର୍ଷ ପରେ ମଧ ରାଜ୍ୟର ୨୫ଟି ଜିଲ୍ଲାରେ ନବଜାତ ଶିଶୁମାନେ କୁପୋଷଣର ଶୀକାର ହେବା ସମ୍ପ୍ରତି ସମୟର ବଡ ସମସ୍ୟା । ତେଣୁ ଏହାକୁ ସମାଜର ସବୁ ବର୍ଗର ଲୋକଙ୍କ ସହ ମିଶି ସମାଧାନର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

### ଚାରୋଟି ନିର୍ବାଚନରେ ତିନି ପ୍ରକାର ତଥ୍ୟ

## ମନ୍ତ୍ରୀ ପଦ୍ମନାଭଙ୍କ ବିରୁଦ୍ଧରେ ମାମଲା ରୁଜ କରିବା ସହ ଇସ୍ତଫା ଦାବୀ କଲା କଂଗ୍ରେସ

ଭୁବନେଶ୍ୱର, (ପିଏନ)- ଜନ ପ୍ରତିନିଧି ଆଇନ ୧୯୫୧ ର ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ କୌଣସୀ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନଥିବା ସ୍ଥଳେ ପ୍ରାର୍ଥୀମାନେ ନିଜକୁ ବଡ଼ ଦେଖାଇବା ହେଉ ବା ନିଜର ବାସ୍ତବ ଶିକ୍ଷାଗତ ଯୋଗ୍ୟତାକୁ ଲୁଚାଇବା ପାଇଁ ଭୁଲ ତଥ୍ୟ ଦେଇଥାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ରାଜ୍ୟର ଜଣେ ବିଧାୟକ ଏବଂ କ୍ୟାବିନେଟ ମନ୍ତ୍ରୀ ପଦ୍ମନାଭ ବେହେରା କିଭଳି ତାଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ବିଷୟରେ ବାରମ୍ବାର ଭୁଲ ଓ ଭିନ୍ନ ଭିନ୍ନ ତଥ୍ୟ ଦେଇଛନ୍ତି ତଥ୍ୟ ପ୍ରମାଣ ସହିତ ତାହାର ଖୁଲାସା କରିବା ସହିତ ତୁରନ୍ତ ସଂପୃକ୍ତ ମନ୍ତ୍ରୀଙ୍କ ବହିସ୍କାର ଦାବୀ କରିଛନ୍ତି କଂଗ୍ରେସ ନେତା ତଥା ଆଇନଜୀବି ନିଶିକାନ୍ତ ମିଶ୍ର । ଗତ ୪ଟି ନିର୍ବାଚନରେ ନାମାଙ୍କନ ଦାଖଲ କରିବା ସମୟରେ ସତ୍ୟପାଠ ମାଧ୍ୟମରେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ତିନିପ୍ରକାର ତଥ୍ୟ ପ୍ରଦାନ କରିଛନ୍ତି । ୨୦୦୪ ବିଧାନ ସଭା ନିର୍ବାଚନ ଫୁଲବାଣୀ (ସଂରକ୍ଷିତ) ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ମନ୍ତ୍ରୀ ଶ୍ରୀ ବେହେରା ସତ୍ୟପାଠରେ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ସେଥିରେ କହିଥିଲେ ସେ ୧୯୭୨ରେ ମେଟ୍ରିକ ପାସ କରିଥିବା ଉଲ୍ଲେଖ କରିଥିଲେ । କିନ୍ତୁ ୨୦୦୯ ଓ ୨୦୧୪ ବିଧାନସଭା ନିର୍ବାଚନ ସମୟରେ ବିରମହାରାଜପୁର ସଂରକ୍ଷିତ ଆସନରୁ ନାମାଙ୍କନ ସମୟରେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ମନ୍ତ୍ରୀ ମହାଶୟ ୧୯୭୩ ମସିହାରେ ୧୦ମ ପାସକରିଥିଲେ ବୋଲି ଉଲ୍ଲେଖ କରିଥିଲେ । ଯାହା ୨୦୦୪ ମସିହା ତଥ୍ୟ ଠାରୁ ସଂପୂର୍ଣ୍ଣ ଭିନ୍ନ । ସବୁଠାରୁ ଆଶ୍ଚର୍ଯ୍ୟ କଥା ୨୦୧୯ ମସିହା ନିର୍ବାଚନରେ ଦେଇଥିବା ତଥ୍ୟ ମଧ୍ୟ ୨୦୦୪, ୨୦୦୯ ଓ ୨୦୧୪ ମସିହା ନିର୍ବାଚନ ନାମାଙ୍କନ ସମୟରେ ଦେଇଥିବା ତଥ୍ୟ ଠାରୁ ସଂପୂର୍ଣ୍ଣ ଭିନ୍ନ । ଯାହା ଜନ ପ୍ରତିନିଧି ଆଇନ ୧୯୫୧ ର ଧାରା ୧୨୫ ଏ ଅନୁଯାୟୀ ଆଇନତଃ ଦଣ୍ଡନିୟ ଏବଂ ଭାରତୀୟ ଦଣ୍ଡ ବିଧାନ ଆଇନ ଧାରା ୧୭୧ଜି ଅନୁଯାୟୀ ମିଥ୍ୟା ସତ୍ୟପାଠ ଏକ ଦଣ୍ଡନିୟ ଅପରାଧ । ଖାଲି ସେତିକି ନୁହେଁ ଗତମାସ ୯.୧.୨୦୨୦ ରିଖ ମାନ୍ୟବର ଉଚ୍ଚନ୍ୟାୟଳୟ ଅଭିଯୋଗ ଆଧାରରେ ମାମଲା ରୁଜ କରିବା ଓ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ବିରମହାରାଜପୁର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯାହା ଏବେ ସୁଦ୍ଧା ସରକାର ଚାପି ରଖିଛନ୍ତି ବୋଲି କଂଗ୍ରେସ ଭବନ ଠାରେ ଆୟେଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଛନ୍ତି ।

ସେ ପ୍ରଶ୍ନ କରିଛନ୍ତି ଯେ ଉଚ୍ଚନ୍ୟାୟଳୟଙ୍କ ଆଦେଶ କାର୍ଯ୍ୟକାରୀ କରିବାପାଇଁ କାହା ଠାରୁ ଅନୁମତିର ଆବଶ୍ୟକତା ପଡୁଛି । ସେ କହିଛନ୍ତି ଯେ ମୁଖ୍ୟ ମନ୍ତ୍ରୀଙ୍କ କ୍ୟାବିନେଟ ସହଯୋଗୀ ତଥା ଜଣେ ବରିଷ୍ଠ ମନ୍ତ୍ରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ପାଇଁ ଉଚ୍ଚନ୍ୟାୟଳୟ ନିର୍ଦ୍ଦେଶ ଦେବାପରେ ମାନ୍ୟବର ମୁଖ୍ୟମନ୍ତ୍ରୀ କ'ଣ ପାଇଁ ଚୁପ ବସିଛନ୍ତି । ମୁଖ୍ୟମନ୍ତ୍ରୀ ଗୃହର ନେତା ତାଙ୍କ କ୍ୟାବିନେଟ ସହଯୋଗୀ ଥିବା ଜଣେ ମନ୍ତ୍ରୀ ମହୋଦୟଙ୍କ ଏତାଦୃଶ୍ୟ କାର୍ଯ୍ୟ ଗୃହର ଗାରିମା କ୍ଷୁର୍ଣ୍ଣ କରୁ ନାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ମାନ୍ୟବର ଉଚ୍ଚନ୍ୟାୟଳୟ ନିର୍ଦ୍ଦେଶ ଦେବାର ଠିକ ମାସକ ପରେ ସୁବର୍ଣ୍ଣପୁର ଏସ୍‌ପି ଉଚ୍ଚନ୍ୟାୟଳୟଙ୍କ ଆଦେଶକୁ ଅନୁଧ୍ୟାନ ଓ ତର୍ଜମା କରିବା କଥା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅବିହିତ କରିବା ସହିତ ମୁଖ୍ୟମନ୍ତ୍ରୀ ମାନ୍ୟବର ଉଚ୍ଚନ୍ୟାୟଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ତତ୍‌କ୍ଷଣାତ ସେ ମହାଶୟଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିସ୍କାର କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ କର, ଜିନେଶ ଦାସ, ଅମିତା ବିଶ୍ୱାଳ, ରଜନୀ ମହାନ୍ତି, ଦୀପକ ମହପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ବଲିଉଡକୁ ଫେରୁଛନ୍ତି ଟ୍ୱିଙ୍କଲ

ଅକ୍ଷୟ କୁମାରଙ୍କ ସହ ବିବାହ ପରେ ଫିଲ୍ମ ଦୁନିଆରୁ ଦୂରେଇ ରହିଥିଲେ ଟ୍ୱିଙ୍କଲ ଖନ୍ନା। କିନ୍ତୁ ଏବେ ପୁଣିଥରେ ସେ ଏହି ଦୁନିଆକୁ ଫେରିବାକୁ ଯାଉଛନ୍ତି। ମାତ୍ର ପୂର୍ବପରି ସେ ପରଦା ଉପରେ ଅଭିନୟ କରିବେ ନାହିଁ। ବରଂ ପରଦା ପଛରେ ରହି ଫିଲ୍ମ ନିର୍ମାଣ କରିବେ। ଆଜ୍ଞା ହଁ, ଅଭିନୟ ପରେ ଏବେ ପ୍ରଯୋଜନା ପାଇଁ ମନ ବଳାଇଛନ୍ତି ଟ୍ୱିଙ୍କଲ। ଖୁବ୍ ଶୀଘ୍ର ସେ ନିଜର ପ୍ରଡକ୍ସନ ହାଉସ୍ ମିଷ୍ଟ୍ରେସ୍ ଫନିବୋନସ୍ ମୁଭିଜ୍‌ରେ ପତି ଅକ୍ଷୟଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଶୁଣିବାକୁ ମିଳିଛି କି ଟ୍ୱିଙ୍କଲଙ୍କ ପ୍ରଯୋଜନାରେ ଫିଲ୍ମର ନିର୍ଦ୍ଦେଶନା ଦେବେ ଆର. ବାଲକୀ। ଯେଉଁଥିରେ ଅକ୍ଷୟଙ୍କ ବିପକ୍ଷରେ ସୋନମ୍ କପୁର ରହିଛନ୍ତି। ଏକ ମିଡିଆର ସୂଚନା ଅନୁଯାୟୀ, ଟ୍ୱିଙ୍କଲଙ୍କ ଚିନ୍ତାଧାରା ଅନୁଯାୟୀ ଆର.ବାଲକୀ କାହାଣୀ ଲେଖିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିବ। ଦେଖାଯାଉ ଟ୍ୱିଙ୍କଲଙ୍କ ଏହି ନୂଆ ରାସ୍ତାରେ ତାଙ୍କୁ ସଫଳତା ମିଳିପାରୁଛି କି ନାହିଁ।



# ତିଆରି ହେବ ଆଉ ଏକ ୱାଘା ବର୍ଡର

ଅହମ୍ମଦାବାଦ ପାବସ୍ଥିତ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ୱାଘା ବର୍ଡର ଭଳି ଗୁଜୁରାଟ ଭାରତ-ପାକିସ୍ତାନ ସୀମାରେ ଆଉ ଏକ ୱାଘା ବର୍ଡର ତିଆରି କରି ତାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାର ଉଦ୍ୟମ ଆରମ୍ଭ ହୋଇଛି। ଗୁଜୁରାଟର ବନସକଣ୍ଠା ଜିଲାରେ ଏହି ୱାଘା ବର୍ଡର ଭଳି ଭବ୍ୟ ଗେଟର ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ଏହା ଘୋଷଣା କରିବା ସହ କହିଛନ୍ତି ଯେ ଏଠାରେ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ଯାହା ପାବରେ ଦିଆଯାଉଛି।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦେ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ



ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।



# ମୋ ଗାଁ

## ଭିମଭୋଈ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର : ପ୍ରଚାର ପ୍ରସାର ଅଭାବ ହେତୁ ରୋଗୀ ସଂଖ୍ୟା କମ



ନେଉଳପୁର, (ପିଏନ): ଭିନ୍ନକ୍ଷମ ମାନଙ୍କୁ ସମାଜର ବୋଝ ନଭାବି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଓ ସହାୟତା ଦେଇ ସମାଜର ଭୁଖ୍ୟ ସ୍ରୋତରେ ସାମିଲ କରିବାକୁ ରାଜ୍ୟ ସରକାର ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରିଥାନ୍ତି । ମାତ୍ର ପ୍ରଶାସନିକ ଅବହେଳା ଓ ଇଛା ଶକ୍ତିର ଅଭାବ ସହିତ ପ୍ରଚାର ପ୍ରସାର ନହେବା ଫଳରେ ବହୁ ଦିବ୍ୟାଙ୍ଗ ଆଜି ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଉଚ୍ଚ ବିଦ୍ୟାଳୟ ପରିସରରେ ବଡ଼ଚଣା ପଞ୍ଚାୟତ ସମିତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଏକ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୋଟ ୨୮୬ ଜଣ ମଧରୁ ଅସ୍ଥି ଶଲ୍ୟ ବିଭାଗରେ ୧୩୭ଜଣ, ଚକ୍ଷୁ ନାଶା ଓ ଗଳା ୫୯ଜଣ, ଭେଷଜ ୩ଜଣ , ସ୍ନାୟୁଗତ, ମାନସିକ ବିକୃତରେ ୫୫ଜଣ, ଶ୍ରବଣ ବର୍ଦ୍ଧିତ, ରକ୍ତହୀନତା, ବାକ ଶକ୍ତି ହୀନତା ୩୨ଜଣ ପ୍ରଭୃତି ବିଭାଗ ଗୁଡ଼ିକରେ ରୋଗୀ ମାନେ ଉପସ୍ଥିତ ରହି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିର ନିର୍ଦ୍ଧିଷ୍ଟ ସମୟ ପୁର୍ବରୁ ବନ୍ଦ ହୋଇଯାଇଥିବାରୁ ବହୁ ରୋଗୀ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନକରି ଫେରି ଯାଇଥିଲେ । ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ବହୁ ଭିନ୍ନକ୍ଷମ ଏହି ଶିବିରରେ ଯୋଗ ଦେଇ ପାରି ନଥିଲେ । ଏହି ଶିବିରକୁ ବଡ଼ଚଣା ବ୍ଲକ ଉନ୍ନୟନ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ଜିପିଓ ଅମୀୟ ରଂଜନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ବ୍ଲକ ଜନମଙ୍ଗଳ ଅଧିକାରୀ ସୁକାନ୍ତ ମାଧବ ରାଉତଙ୍କ ସମେତ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରଭାସୀନି ମହାନ୍ତି, ମାନସୀ ମହାନ୍ତି ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

## ରାଜ୍ୟ ସ୍ତରୀୟ ଡ଼ି.ୟୁ. ଫ୍ରେଣ୍ଡସ୍ କ୍ରିକେଟ୍ କପ୍ :ସୋଲାର ଚାମ୍ପିୟାନ




ନେଉଳପୁର, (ପିଏନ): ଚଣ୍ଡିଖୋଲ ଫ୍ରେଣ୍ଡସ୍ ସ୍ପୋର୍ଟ କଲଚୁରାଲ ଆସୋସିଏସନ ଆନୁକୁଲ୍ୟରେ ସୁଙ୍ଗୁଡ଼ା ଖେଳ ପଡ଼ିଆରେ ଚାଲୁଥିବା ୯ମ ବାର୍ଷିକ ରାଜ୍ୟ ସ୍ତରୀୟ ଡ଼ି.ୟୁ. ଫ୍ରେଣ୍ଡସ୍ କ୍ରିକେଟ୍ କପ୍‌ର ଫାଇନାଲ ଖେଳରେ କଟକର ଜୁଭେନାଇଲ ସ୍ପୋର୍ଟିଂକୁ ୨୨ ରନରେ ହରାଇ କଟକର ସୋଲାର କ୍ରିକେଟ ଏକାଡେମି ଚଳିତ ବର୍ଷର ଚାମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ସୋଲାର କ୍ରିକେଟ ଏକାଡେମି ନିର୍ଦ୍ଧାରିତ ୨୫ ଓଭରରେ ୭ ଓ୍ୱିକେଟ ହରାଇ ୨୫୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ପ୍ରଦୀପ ଦାସ ୮୧ ରନ ଓ ସୌଭାଗ୍ୟ ମିଶ୍ର ୮୧ରନ ସଂଗ୍ରହ କରିଥିଲେ । ଜୁଭେନାଇଲର ବୋଲର ସତ୍ୟପ୍ରକାଶ ତ୍ରିପାଠୀ ୨ଓ୍ୱିକେଟ ନେଇଥିଲେ । ୨୫୨ ରନର୍ ବିଜୟ ଲକ୍ଷକୁ ପିଛା କରି ଜୁଭେନାଇଲ ସ୍ପୋର୍ଟିଂ ସମସ୍ତ ଓ୍ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୁବ୍ରତ ସାମଲ ୮୦ ରନ ସଂଗ୍ରହ କରିଥିଲେ । ଆଜିର ଖେଳକୁ ସୁବ୍ରତ ଜେନା, ଇନ୍ତେକାମ ଆଲାମ, ପରିଚାଳନା କରିଥିଲା । କ୍ଲବର ସଭାପତି ଶ୍ରୀପତି ଜେନାଙ୍କ ସଭାପତିତ୍ୱରେ ଆୟୋଜି ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ କଟକ ମଙ୍ଗଳାବାଗ ସ୍ଥିତ ଉର୍ମିଳା ନର୍ସିଂ ହୋମର ନିର୍ଦ୍ଦେଶକ ଅଭୟ କୁମାର ଦାସ, ଚଣ୍ଡିଖୋଲ ପ୍ରେସ କ୍ଲବ ସଭାପତି ପ୍ରଦୀପ୍ତ କୁମାର ପରୀଡ଼ା, ଡିୟୁ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ପ୍ରଫେସର ବିଜିତ ମହାପାତ୍ର, ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ ସ୍ୱାଇଁ, ବନପାଳ ଶଶୀକାନ୍ତ ବେହେରା, ମାନବିକ ଅଧିକାର କର୍ମୀ ଜୟା ତ୍ରିପାଠୀ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କାର ବିତରଣ କରିଥିଲେ । ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିନୟ କୁମାର ପୃଷ୍ଟି ଦନ୍ୟବାଦ ଅର୍ପଣ କରିଥିଲେ । ଫାଇନାଲ ଖେଳରେ ସୌଭାଗ୍ୟ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ଓ ପ୍ରଦୀପ୍ତ ଦାସ, ମ୍ୟାନ_ଫ ସିରିଜ ଭାବେ ପୁରସ୍କୃତ ହୋଇଥିଲେ । ଏହି ଖେଳକୁ ଅଶ୍ୱଜିତ ରାଉତ, ଆଶିଷ ସାହୁ, ଦେବେନ୍ଦ୍ର ଜେନା, ପ୍ରମୋଦ ସେନାପତି, ମାନସ ରଂଜନ ମିଶ୍ର, ମୁସ୍ତାକ ଅଲ୍ଲୀ, ଅନନ୍ତ ସ୍ୱାଇଁ, ଛବିନ୍ଦ୍ର ବାରିକ, ବିଶ୍ୱଜିତ ରାଉତ, ଦେବେନ୍ଦ୍ର ବଳ ପ୍ରମୁଖ ସହଯୋଗ କରିଲେ ।

## ପାଇଖାନ ଅନୁଦାନ ହଡପ ଅଭିଯୋଗ



ହାଟଡିହି,(ପିଏନ)-କେନ୍ଦୁଝର ଜିଲା ହାଟଡିହି ବ୍ଲକ ବଡରଂପାସ ଗ୍ରାମ ପଂଚାୟତ ରେ ସ୍ୱଛ ଭାରତ ମିଶନ ଯୋଜନା ରେ ପାଇଖାନା ନିର୍ମାଣ ଅନୁଦାନ ହଡପ ହୋଇଥିବା ଅଭିଯୋଗ ହୋଇଛି ।ଦାମୋଦର ଜେନା,ନାରାୟଣ ପଣ୍ଡା,ସୁକଦେବ ଯେନା,ସୁରେନ୍ଦ୍ର ଓଝା,ବିଟି ମୁଣ୍ଡା,ରାଜେନ୍ଦ୍ର ଜେନା ପ୍ରମୁଖ ବିଡିଓ ଙ୍କୁ ଅଭିଯୋଗ କରିଛନ୍ତି ।ଅଭିଯୋଗ ରୁ ଜଣାଯାଇଛି ଯେ ଅଭିଯୋଗକାରୀ ଙ୍କ ପାଇଖାନା ନିର୍ମାଣ ଅନୁଦାନ କୁ ଅନ୍ୟ କେହି ବିଲ କରି ନେଇ ଯାଇଛନ୍ତି ।ହିତାଧିକାରୀ ଙ୍କ ଅନୁଦାନ କୁ କିଏ ବିଲ କରି ନେଲା ତହାର ତଦନ୍ତ ଦାବି କରିଛନ୍ତି ।ଏପରିକି ପାଇଖାନା ନିର୍ମାଣ ନ କରି କୋଟି କୋଟି ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି । ଲୋକଙ୍କ ଅଭିଯୋଗ ର ତଦନ୍ତ ହେବ ବୋଲି ଯନ୍ତ୍ରୀ ଉତ୍ସବ ଜେନା କହିଛନ୍ତି ।ପୂର୍ବରୁ ପଡିଆରୀପଲି ପଂଚାୟତ ରେ ପାଇଖାନା ନିର୍ମାଣ ଅନୁଦାନ ହଡପ ହୋଇଥିବା ଅଭିଯୋଗ ହୋଇଥିଲା ।କିନ୍ତୁ ସଂପୃକ୍ତ ପଂଚାୟତ କୁ ତଦନ୍ତକାରୀ ଅଧିକାରୀ ବିନୟ ମିଶ୍ର ୩ ଥର ତଦନ୍ତ ରେ ଯାଇଥିଲେ ।ମାତ୍ର ସହଯୋଗ ନ ମିଳିବାରୁ ନିରାଶ ହୋଇ ଫେରିଥିବା ମିଶ୍ର କହିଛନ୍ତି ।ଏପରି ଦୁର୍ନୀତି ପଛରେ ସରକାରୀ କର୍ମଚାରୀ ଙ୍କ ହାତ ଥିବା ଏବଂ ବ୍ଲକ ସ୍ତର ରେ ଏକ ର୍‍ୟାକଟ କାମ କରୁଥିବା ମୁଖ୍ୟ ପ୍ରସଙ୍ଗ ପାଲଟିଛି ।

## ଭାଗବତ ଟୁଙ୍ଗୀ ଓ ଭଜନ ମଣ୍ଡଳୀ ସଦସ୍ୟଙ୍କ ପରଲୋକ



ହାଟଡିହି,(ପିଏନ)-କେନ୍ଦୁଝର ଜିଲା ହାଟଡିହି ବ୍ଲକ ଅନ୍ତର୍ଗତ ହାଟଡିହୀ ପଂଚାୟତ ଜଳକଳଙ୍ଗ ଗ୍ରାମର ବିଶିଷ୍ଟ ଧର୍ମ ପରାୟଣ ବ୍ୟକ୍ତି ମହେଶ୍ୱର ଜେନା(୮୨)ଙ୍କର ଗତ ୧୨ ତାରିଖ ବୁଧବାର ସନ୍ଧ୍ୟା ୬ ଘଟିକା ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ସମୟରେ ତାଙ୍କ ସ୍ତ୍ରୀ ବକିଟି, ସ୍ୱର୍ଣ୍ଣଲତା,ପୁଷ୍ପଲତା,କଳ୍ପଲତା,ଝିଅ କବିତା,ମମତା,ସସ୍ମିତା ମିଲୁ, ନାତି ନତୁଣୀ ଓ ଜ୍ୱାଇଁ ମାନେ ଉପସ୍ଥିତ ଥିଲେ । ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ସେ ବେଶ୍ ପରିଚିତ ଥିଲେ । ଭାଗବତ ଟୁଙ୍ଗୀ ଓ ଭଜନ ମଣ୍ଡଳୀ ଦାୟିତ୍ୱରେ ଥିଲେ । ତାଙ୍କର ମୃତ୍ୟୁରେ ହାଟଡିହୀ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ହାଟଡିହୀ ସରପଂଚ ଅନୁସୂୟା ସେଠୀ,ସମାଜସେବୀ କଳ୍ପତରୁ ସେଠୀ,ଗୋପବନ୍ଧୁ ମଲିକ ଛତିଶ ଜାଦବ,ସୁରେନ୍ଦ୍ର ପରିଡା,ବଂଶିଧର ସେଠୀ,ସଦାଶିବ ଚକ୍ର,ସୁବାସ ରଣା,ଭଗବାନ ନାୟକ,ବଟକୃଷ୍ଣ ଜେନା,କୋଦଣ୍ଡ ବେହେରା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଉପସ୍ଥିତ ରହି ଅନ୍ତିମ ଦର୍ଶନ କରିବା ସହିତ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ପରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା । ତାଙ୍କ ନାତି ଲିଟୁ ମୁଖାଗ୍ନି ଦେଇଥିଲେ ।

## ସ୍କୁଲ ରେ ପଶି ହତ୍ୟା ଧମକ: କମିଟି ଅଧକ୍ଷଙ୍କ ନାମରେ ମାମଲା

ହାଟଡିହି,(ପିଏନ)-କେନ୍ଦୁଝର ଜିଲା ହାଟଡିହି ବ୍ଲକ ବଡରଂପାସ ଜପିଦାସ ବିଦ୍ୟାମନ୍ଦିର ର ସ୍କୁଲ କମିଟି ଅଧକ୍ଷ ଅମୂଲ୍ୟ ପେରେଇ ଙ୍କ ନାମ ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟ ନାୟକ ଙ୍କ ଲିଖିତ ଅଭିଯୋଗ କ୍ରମେ ନନ୍ଦିପଦା ଥାନା ରେ ମାମଲା ଦାୟର ହୋଇଛି ।ଅଭିଯୋଗ ରୁ ଜଣାଯାଇଛି ଯେ ପେରେଇ ମଦ୍ୟପାନ କରି ସ୍କୁଲ ଭିତରେ କର୍ମଚାରୀ ଙ୍କୁ ଖରାପ ଭାଷା ରେ ଗାଳି ଗୁଲଜ କରିବା ସହ ଜୀବନ ରୁ ମାରିଦେବା କୁ ଧମକ ଦେଇଥିଲେ ।ଫଳରେ ପ୍ରଧାନ ଶିକ୍ଷକ ଡମ୍ବୁରଧର ଦେହୁରୀ ଛୁଟି ରେ ଅଛନ୍ତି ।ପାଠ ପଢ ରେ ବ୍ୟାଘାତ ସୃଷ୍ଟି ହୋଇଛି ।ପୋଲି କେସ ନଂ ୧୫/୨୦୨୦ ରେ ଏକ ମାମଲା ରୁଜୁ କରିଛି ।ଘଟଣା କୁ ନେଇ ଅସନ୍ତୋଷ ଦେଖାଦେଇଛି ।କିନ୍ତୁ ୩ ଦିନ ବିତି ଯାଇଥିଲେ ବି ଅଭିଯୁକ୍ତ କୁ ପୋଲିସ ଗିରଫ କରିପାରିନି ।ଘଟଣା କୁ ନେଇ ଏକ ମାମଲା ଦାୟର ହୋଇଛି ଏବଂ ତଦନ୍ତ ଚାଲିଛି ବୋଲି ପୋଲି କହିଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଂଟନ ପ୍ରକ୍ରିୟା ଚଂଚକତା ନେଇ ବିଡିଓଙ୍କୁ ଅଭିଯୋଗ କଲା ବିଜେପି

ନେଉଳପୁର, (ପି.ଏନ): - କ୍ଷେତ୍ରସ୍ତରୀୟ ଅଧିକାରିଙ୍କୁ ସର୍ଭେକ୍ଷଣ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସ୍ଥାୟୀ ପ୍ରତୀକ୍ଷା ସୂଚୀରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି । ଉକ୍ତ ତାଲିକାରେ ସ୍ୱଛତା ଓ ପାରଦର୍ଶିତା ଆଣିବା ଲାଗି ପଂଚାୟତରାଜ ପାନୀୟ ଜଳ ବିଭାଗ କେନ୍ଦ୍ର ଶାସନ ସଚ୍ଚିବ, ଦେଓ ରଞ୍ଜନ କୁମାର ସିଂ ଓଡିଶାର ସମସ୍ତ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ପତ୍ର ଦ୍ୱାରା ସୂଚିତ କରିଥିଲେ । ଗ୍ରାମୀଣ ଆବାସ ପୋଟାଲରେ ପ୍ରଦର୍ଶିତ ତଥ୍ୟ ଆଧାରରେ ସ୍ଥାୟୀ ପ୍ରତିକ୍ଷା ସୂଚୀରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଗ୍ରାମ ଓ ବର୍ଗଓାରୀ ପ୍ରସ୍ତୁତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶନାମ ରହିଅଛି । ସାଧାରଣ ଜନତାଙ୍କ ଅଭିଯୋଗ ଶୁଣାଣି ନିମନ୍ତେ ଫେବୃୟାରୀ ୧୦ରୁ ୧୬ ତାରିଖ ଯାଏଁ ଗାଁ ଓ ପଂଚାୟତ ଓାରୀ ତାଲିକା ପଂଚାୟତ କାର୍ଯ୍ୟାଳୟରେ ପ୍ରର୍ଦଶିତ କରିବା ପାଇଁ ନିର୍ଦ୍ଦେଶନାମ ରହିଅଛି । ବ୍ଲକ କାର୍ଯ୍ୟାଳୟରେ ଏକ ଅଭିଯୋଗ ବାକ୍ସ ରହିବ ଯେଉଁଠି ଯେ କୌଣସି ବ୍ୟକ୍ତି ନାମ ଅନ୍ତର୍ଭୁକ୍ତ କରିବା ଓ କାଟିଦେବା ନିମନ୍ତେ ଥିବା ତାଙ୍କ ଅବିଯୋଗକୁ ଉକ୍ତ ବାକ୍ସରେ ପକାଇ ପାରିବେ । ବ୍ଲକ ସ୍ତରୀୟ ଅଧିକାରୀ ମାନେ ପ୍ରାପ୍ତ ହୋଇଥିବା ଅଭିଯୋଗକୁ ଅଲଗା ଅଲଗା କରି ତନ୍ମଧରୁ ଅଯୋଗ୍ୟ ହିତାଧିକାରୀଙ୍କ ନାମକୁ ବାଦ ଦେବା ସହ ଯୋଗ୍ୟ ହିତାଧିକାରୀଙ୍କ ନାମକୁ ତାଲଲିକାରେ ଅନ୍ତଭୁକ୍ତ କରିବା । ତାଲିକାରୁ ନାମ କାଟି ଦେବା ଓ ଅର୍ନ୍ତଭୁକ୍ତ କରିବା ପାଇଁ ତଦନ୍ତ ପ୍ରକ୍ରିୟା ଆସନ୍ତା ଏପ୍ରିଲ ମାସରେ କରାଯିବ, ସେଥିପାଇଁ ଅବଲମ୍ବନ କରାଯିବାକୁ ଥିବା ସ୍ୱତନ୍ତ୍ର ପଦ୍ଧତିକୁ ପରବର୍ତି ସମୟରେ ସୂଚିତ କରାଯିବ । କିନ୍ତୁ ବଡଚଣା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଧାର୍ଯ୍ୟ ସମୟସୀମାରୁ ୩ ଦିନ ଅତିକ୍ରମ କରି ଯାଇଥିଲେ ବି କୌଣସି ପଂଚାୟତ କାର୍ଯ୍ୟାଳୟରେ ତାଲିକା ମରାଯାଇ ନାହିଁ । ଏଥି ନେଇ ବଡଚଣା ବିଜେପି ପକ୍ଷରୁ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶାରଦାନନ୍ଦ ରାଉତ, ଜିଲ୍ଲା ବିଜେପି ଉପସଭାପତି ଦେବଜାନି ପ୍ରଧାନ, ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ, ଧୂଳେଶ୍ୱର ଦାସ ଓ ଲଲାଟ କେଶରୀ ମହାପାତ୍ର ସମେତ କିଛି ଆଗଧାଡିର କର୍ମୀ ବଡଚଣା ବିଡିଓଙ୍କୁ ଭେଟି ଏ ସଂପର୍କରେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି । ଏ ସଂପର୍କରେ ବିଡିଓଙ୍କୁ ପଚାରିବାରୁ ସେ କହିଥିଲେ ସମସ୍ତ ପଂଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଅଛି ପ୍ରସ୍ତୁତ ତାଲିକା କାନ୍ଥରେ ମାରିବା ପାଇଁ ।

## ଲକ୍ଷ୍ମୀନାରାୟଣ ଡ୍ରାମାଟିକକ୍ଲବ ପକ୍ଷରୁ ୨ ରାତ୍ରି ଯାତ୍ରା ପରିବେଷଣ

ନେଉଳପୁର, (ପି.ଏନ): ଚଣ୍ଡିଖୋଲ ଛକ ସନ୍ନିକଟ ନୂଆସୁଙ୍ଗୁଡା ଗ୍ରାମର ଲକ୍ଷ୍ମୀ ନାରାୟଣ ଡ୍ରାମଟିକ ପକ୍ଷରୁ ଗ୍ରାମର ଯୁବକ ମାନଙ୍କୁ ନେଇ ୨ ରାତ୍ର ଧରି ଯାତ୍ରା ଅଭିନୟ ହୋଇଯାଇଛି । ଯାତ୍ରା ଅଭିନୟ ଆରମ୍ଭ ପୂର୍ବରୁ ଲକ୍ଷ୍ମୀନାରାୟଣ ଡ୍ରାମାଟିକ କ୍ଲବର ସ୍ଥାୟୀ ସଭାପତି ବନମାଳି ସେନାପତି, ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ସ୍ୱାଇଁ, ବସନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଭାପତି ଶ୍ରୀ ସେନାପତି ଫିତାକାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସକାଳୁ ସୁରୁଜ ସଞ୍ଜକୁ ନାଇଁ ଓ ବାଟ ହଜିଗଲା ହାଟ ମଝିରେ ନାଟକକୁ ନାଟ୍ୟ ନିର୍ଦ୍ଦେଶକ ଦେବେନ୍ଦ୍ର ମିଶ୍ର ନିର୍ଦ୍ଦେଶନା ଦେଇଥିଲେ । ଆୟୋଜିତ ସଭାକୁ ସଂପାଦକ ରଞ୍ଜନ ସାହୁ, ଯତୀନ୍ଦ୍ର ନାୟକ, ପ୍ରିୟବ୍ରତ ନାୟକ, ଦୈତାରୀ ସେନାପତି, ଦିନବନ୍ଧୁ ନାୟକ, ପ୍ରୀତମ ନାୟକ, ଅମରେନ୍ଦ୍ର ନାୟକ, ସଙ୍ଗୀତ ମାହାଳା, ସ୍ମୃତିରଞ୍ଜନ ମାହାଳା, ମୁକ୍ତିକାନ୍ତ ନାୟକ, ଜାବାଳି ସେଠି, ସୁବ୍ରତ ସାହୁ, ଅରୁଣ ସେନାପତି, ଚଚ୍ଚିତ ମାହାଲା ପ୍ରମୁଖ ସଂପୂର୍ଣ୍ଣ ସହଯୋଗ କରିଥିଲେ । ଗ୍ରାମଂଚଳରେ ଭାଇଚାରା ସୃଷ୍ଟି କରିବା ପାଇଁ ଓ ଭାବର ବିନିମୟ କରି କଳା ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଗ୍ରାମର ସମସ୍ତ ଯୁବକ ମାନେ ଏକଜୁଟ ହୋଇ କାର୍ଯ୍ୟ କରିବା ଦରକାର ବୋଲି ଅତିଥି ନମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରଧାନ ଶିକ୍ଷକ ସ୍ୱର୍ଗତ ହରେକୃଷ୍ଣ ଜେନାଙ୍କ ପୁତ୍ର ପବିତ୍ର ଜେନା, ନାଟ୍ୟ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ସଙ୍ଗୀତଙ୍ଗ ସୁଧାଂଶୁ ଶେଖର ପଣ୍ଡାଙ୍କୁ ଲକ୍ଷ୍ମୀନାରାୟଣ ଡ୍ରାମାଟୋକ ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଭିନେତା ଓ ଅଭିନେତ୍ରୀଙ୍କ ଯାତ୍ରା ପରିବେଷଣରେ ଉପସ୍ଥିତ ଜନସାଧାରଣଙ୍କ ମଧରେ ଆନନ୍ଦଲାଭ ଖେଳିଯାଇଥିଲା । ସେଠାରେ ନୂଆସୁଙ୍ଗୁଡା, ନିଶିମଳା,ଚଣ୍ଡିଖୋଲ ଛକରୁ ଏକହାଜରରୁ ଉର୍ଦ୍ଧ ମହିଳା ଓ ପୁରୁଷ ଯୋଗ ଦେଇ ଉତ୍ସବକୁ ମୁଖରିତ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପିତୃମାତୃ ପୂଜନ ଦିବସ



ଯୋଡା,(ପିଏନ)- ଶିକ୍ଷା ବିକାଶ ସଂସ୍ଥାନ ଅଧୀନରେ ପରିଚାଳିତ ଯୋଡା ଲକ୍ଷ୍ମୀ ପଡିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଫେବୃଆରୀ ୧୪ ତାରିଖକୁ ପିତୃମାତୃ ପୂଜନ ଦିବସ ରୂପେ ପାଳନ କରାଯାଇଛି । ପାଶ୍ଚାତ୍ୟ ସଂସ୍କୃତି ବହନ କରୁଥିବା ବିଶ୍ୱ ଭାଲେଣ୍ଟାଇନ୍ ଡେ ବା ପ୍ରେମ ଦିବସକୁ ବିରୋଧ କରି ସମ୍ପ୍ରତି ଏହି ବିଦ୍ୟାଳୟରେ ଏହି ଦିନକୁ ପିତୃମାତୃ ଦିବସ ରୂପେ ପାଳନ କରାଯାଉଥିବା ଘଟଣାକୁ ଅଭିଭାବକ ଗୋଷ୍ଠୀ ସ୍ୱାଗତ କରିଥିଲେ । ଭାରତୀୟ ଦର୍ଶନ ମୁତାବକ ପ୍ରତ୍ୟେକ ମାନବ ଜୀବନରେ ପିତାମାତା ହେଉଛନ୍ତି ଚଳନ୍ତି ଠାକୁର ତଥା ପୂଜାର୍ଚ୍ଚନା ଓ ଉପାସନାର ଜୀବନ୍ତ ଚରିତ୍ର । ପିତା ଓ ମାତାଙ୍କ ମନୋଭାବକୁ ଅନୁଶୀଳନୀ ପୂର୍ବକ ଯେଉଁ ସନ୍ତାନ ସେମାନଙ୍କ ଅନ୍ତର୍ନିହିତ ଇଛା ପୂର୍ତ୍ତୀ ନିମନ୍ତେ ପ୍ରୟାସ କରନ୍ତି ସେମାନେ ଉତ୍ତମ ଶ୍ରେଣୀଭୁକ୍ତ ସନ୍ତାନ ରୂପେ ପରିଗଣିତ ହୁଅନ୍ତି । ଏଭଳି ମହାନ ଭାରତୀୟ ସଂସ୍କୃତି ବହନ କରୁଥିବା ଏହି ସନାତନ ଧର୍ମୀ ଉତ୍ସବରେ ବିଦ୍ୟାଳୟର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକାଠି ହୋଇ ଏହି ଦିନଟିକୁ ପିତୃମାତୃ ପୂଜନ ଦିବସ ରୂପେ ପାଳନ କରିଛନ୍ତି । ଏହି ଅବସରରେ ବିଦ୍ୟାଳରେ ଶତାଧିକ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି ଏହି ଦିକ୍ଷାନ୍ତ ଉତ୍ସବର ମହାନତାକୁ ଉପଲବ୍ଧୀ କରିଥିଲେ । ବୈଦିକ ମନ୍ତ୍ର ଧ୍ୱନିରେ ଅନୁଷ୍ଠାନର ବିଦ୍ୟାର୍ଥୀ ସମୂହ ଫୁଲ,ଚନ୍ଦନ ଦେଇ ପିତାମାତାଙ୍କୁ ପୂଜାର୍ଚ୍ଚନା କରିବା ସହିତ ମୁଣ୍ଡରେ ଚନ୍ଦନ ମାରି ପାଦତଳେ ଫୁଲ ଅର୍ପଣ କରି ନିଜର ପିତା ମାତାଙ୍କ ପ୍ରତି ଶ୍ରଦ୍ଧା,ଭକ୍ତି ଓ ସମ୍ମାନ ଜ୍ଞାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଶିକ୍ଷକ ଶ୍ରେଣୀ ପିତା ମାତାଙ୍କ ପ୍ରତି ଅତୁଟ,ଶ୍ରଦ୍ଧା,ଭକ୍ତି ଓ ନିଷ୍ଠା ଉଚ୍ଚାରଣ ମାଧ୍ୟମରେ ସିମୀତ ନରଖି ଆଚରଣ ମାଧ୍ୟମରେ ପରିପ୍ରକାଶ କରିପାରିଲେ ପିତୃମାତୃ ପୂଜନ ଦିବସଟି ସାର୍ଥକ ହୋଇ ପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

## ବାଲେଶ୍ୱରରେ ମତ୍ସ୍ୟ ଚାଷ ସଂପର୍କିତ ଜାତୀୟ କର୍ମଶାଳା ନିମନ୍ତେ ପ୍ରସ୍ତୁତି



ବାଲେଶ୍ୱର(ପିଏନ)-ବାଲେଶ୍ୱରରେ ଆୟୋଜିତ ହେବ ମତ୍ସ୍ୟ ଚାଷ ସଂପର୍କିତ ଜାତୀୟ କର୍ମଶାଳା । ଏ ନେଇ ଆଜି ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର କେନ୍ଦ୍ର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀଧନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ ଏହି ଜାତୀୟ କର୍ମଶାଳାର ରୂପରେଖ ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ଫେବୃୟାରୀ ୨୭ ଏବଂ ୨୮ ତାରିଖରେ ନୋସି ବିଜନେସ ପାର୍କ ପରିସରରେ ଏହି କର୍ମଶାଳାର ଆୟୋଜନ କରାଯିବା ନିମନ୍ତେ ବୈଠକରେ ନିଷ୍ପତି ହୋଇଛି । ଏହି ଦୁଇଦିନିଆ କର୍ମଶାଳାରେ ରାଜ୍ୟ ତଥା ରାଜ୍ୟ ବାହାରର ୩ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀଙ୍କ ସମେତ ବହୁ ବୈଜ୍ଞାନିକ,ବିଶେଷଜ୍ଞ ଓ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ମତ୍ସ୍ୟ ଚାଷ ସଂପର୍କିତ ଉନ୍ନତ ଜ୍ଞାନକୌଶଳ ଓ ଏବଂ ଅଳ୍ପ ଜମିରୁ କିପରି ଅଧିକ ଆୟ କରାଯାଇପାରିବ ସେ ସଂପର୍କରେ ଚାଷୀଙ୍କୁ ଅବଗତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଏହାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ବିଭିନ୍ନ ଟିମ ଗଠନ କରାଯାଇ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଉଭୟ ମଧୁର ଜଳ ଏବଂ ଲୁଣି ଜଳରେ ଉନ୍ନତ ପ୍ରଣାଳୀରେ କିଭଳି ମାଛ ଚାଷ କରାଯାଇପାରିବ ସେ ବାବଦରେ ବିଶେଷଜ୍ଞମାନେ ଏହି ଦୁଇଦିନିଆ କର୍ମଶାଳାରେ ବିସ୍ତୃତ ସୂଚନା ପ୍ରଦାନ କରିବେ । ସେହିଭଳି ମତ୍ସ୍ୟ ଚାଷୀମାନଙ୍କୁ ଏହି ଅବସରରେ କିଶାନ କ୍ରେଡିଟ୍ କାର୍ଡ ପ୍ରଦାନ ନିମନ୍ତେ ଗୃହରେ ପ୍ରସ୍ତାବ ଦିଆଯାଇଥିଲା । ବାଲେଶ୍ୱର ଭଳି ଉପକୂଳବର୍ତୀ ଜିଲ୍ଲାରେ ମତ୍ସ୍ୟ ଚାଷ ନିମନ୍ତେ ଅମାପ ସୁଯୋଗ ରହିଛି ଏବଂ ଏହା ଦ୍ୱାରା ଜିଲ୍ଲାର ଆର୍ଥିକ ପ୍ରଗତି ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ଷଡଙ୍ଗୀ ପ୍ରକାଶ କରିଥିଲେ । କର୍ମଶାଳା ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ମାନ୍ୟବର ମନ୍ତ୍ରୀ ଜୋର୍ ଦେଇଥିଲେ । ଏତଦ ଭିନ୍ନ କର୍ମଶାଳାରେ ଚାଷୀଙ୍କ ପଞ୍ଜୀକରଣ, ଅତିଥିଙ୍କ ଅଭ୍ୟର୍ଥନା ଓ ରହିବା ବ୍ୟବସ୍ଥା, ମଂଚ ପରିଚାଳନା, ଷ୍ଟଲ ପ୍ରସ୍ତୁତି, ସଫଳ ଚାଷୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା, ଚାଷୀମାନଙ୍କ ପାଇଁ ଋଣ ଓ ବଜାର ସୁଯୋଗର ସୃଷ୍ଟି ସଂପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଭାରତ ସରକାରଙ୍କ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ଶ୍ରୀ ସାଗର ମେହେରା, ଏସଟିଏ ଶ୍ରୀ ଗୁଣମୟ ପାତ୍ର, ଏନ.ଏଫ.ଡି.ବି, ହାଇଦ୍ରାବାଦର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ.ବି.ପ୍ରକାଶ, ବରିଷ୍ଠ ଅଧିକାରୀ ଶ୍ରୀ ମାନସ କୁମାର ସିହ୍ନା, ରାଜ୍ୟ ସରକାରଙ୍କ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଉମେଶ ମହାନ୍ତି, ଡିଡିଏଫ ଶ୍ରୀ ରବିନାରାୟଣ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କାଏମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ମୁଖ୍ୟଅତିଥି ପାରଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ଅଧାପକ ଭୁବନ ମୋହନ ଜେନା ଉଦ୍‌ଘାଟନ କରିଥିଲେ । ଶିକ୍ଷାବିତ୍ ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷା ବିକାଶ ସମିତି ଯୁଗ୍ମ ସଂପାଦକ ହେମନ୍ତ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ସୁସ୍ଥ ସମାଜ ପାଇଁ ଜଣେ ଉତ୍ତମ ମଣିଷର ଆବଶ୍ୟକତା ରହିଛି । ପ୍ରତ୍ୟେକ ପିତାମାତା ତାଙ୍କ ପିଲାଙ୍କୁ ସଂସ୍କାର ଶିକ୍ଷାଦେଇ ଭଲ ମଣିଷ କରି ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟି ସଂପାଦକ ଇଂ. ଚିତରଂଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ବୀରବର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । କବୀରପୁର ସଂକୁଳର ପ୍ରମୁଖ ଧ୍ରୁବଚରଣ ପୃଷ୍ଟି, ସଂଯୋଜକ ତ୍ରିଲୋଚନ ପ୍ରଧାନ, ପରିଚାଳନା ସମିତିର ଉପସଭାପତି ବିବେକାନନ୍ଦ ଜେନା, ସହସମ୍ପାଦକ ପ୍ରଶାନ୍ତ କୁମାର ରାଉତ, କୋଷାଧକ୍ଷ ଅରୁଣ କୁମାର ମହାରଣା, ଗାୟତ୍ରୀ ମଲିକ ଓ ସୁକାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଗୁରୁମା ରୀତାରାଣୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବା ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ପରିଚାଳନା ସମିତି ସଦସ୍ୟା ସସ୍ମିତା ଦାଶ ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ସେବିକା ଏଥିରେ ସହଯୋଗ କରିଥିଲେ ।

## ଶିକ୍ଷକ ଦେବେନ୍ଦ୍ର ସାହୁଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଉତ୍ତର ପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଆଦର୍ଶ ଶିକ୍ଷକ ଦେବେନ୍ଦ୍ରନାଥ ସାହୁଙ୍କ ବିୟୋଗରେ ଏକ ଶୋକସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଆତ୍ମାରାମ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ଶିକ୍ଷାବିତ୍ ଡ. ଜଗନ୍ନାଥ ଜେନା, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ, କାହ୍ନୁ ଚରଣ ଦାଶ ଓ ପାଲାଗାୟକ ପାରେଶ୍ୱର ଶରଣ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଶିକ୍ଷାଦାନ, ଛାତ୍ରବତ୍ସଳତା ଓ କର୍ତ୍ତବ୍ୟନିଷ୍ଠା ସଂପର୍କରେ ଆଲୋକପାତ କରିଥିଲେ । ଶିକ୍ଷାବିତ୍ କାମଦେବ ଶତପଥୀ, ବେଣୁଧର ଶରଣ, ବ୍ରଜକିଶୋର ଦାଶ, ରମେଶ ଚନ୍ଦ୍ର କୁଣ୍ଡୁ, ସରପଞ୍ଚ ସସ୍ମିତା ବେହେରା, ଶିକ୍ଷୟିତ୍ରୀ ନିଳିମା ମହାନ୍ତି, ଅନନ୍ତ ଚରଣ ସାହୁ, ଦୁଃଖୀଶ୍ୟାମ ବଳ, ଚିନ୍ତାମଣି ବେହେରା, ଲୋକନାଥ ମିଶ୍ର, ସୁଧାଂଶୁ ଶେଖର ସାହୁ, ଯଦୁନାଥ ମହାନ୍ତି, ସମାଜସେବୀ ଜଳଧର ସାହୁ, ରାମଚନ୍ଦ୍ର ନାୟକ, ବ୍ରହ୍ମାନନ୍ଦ ପଣ୍ଡା, କୁଞ୍ଜ ବିହାରୀ ବେହେରା, ରାମଚନ୍ଦ୍ର ନାୟକ, ରଂଜନ କୁମାର ଓଝା, ଶରତ କଦମ ଓ ଦୟାନିଧି ବିଶ୍ୱାଳ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ ।

## ଦୁଇଦିନିଆ ଜାତୀୟ କର୍ମଶାଳା ଓ ଖାଦ୍ୟମେଳା ଉଦ୍‌ଘାଟିତ



ଭୁବନେଶ୍ୱର, (ପିଏନ) : ବୀର ସୁରେନ୍ଦ୍ର ସାଇ ନଗରସ୍ଥିତ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥାନ, ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧିନସ୍ଥ ୨୧ଟି କେନ୍ଦ୍ରୀୟ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥା ମଧ୍ୟରୁ ଅନ୍ୟତମ ତଥା ନିଜ ବର୍ଗର ଏକ ଉତ୍କୃଷ୍ଟ ଶିକ୍ଷା ସଂସ୍ଥାନ ।ପର୍ଯ୍ୟଟନ ମନ୍ତ୍ରଣାଳୟ ଭାରତ ସରକାରଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ଯୋଜନା ତଥା 'କର୍ମଚାରୀ ଓ ଛାତ୍ର ବିନିମୟ' ମାଧ୍ୟମରେ ଭାରତର ବିଭିନ୍ନ ରାଜ୍ୟର ଆଞ୍ଚଳିକ ଖାଦ୍ୟ ବିଷୟରେ ଅବଗତ କରାଇବା ନିମନ୍ତେ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥାନ ଭୁବନେଶ୍ୱର ଓ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥାନ ମୁମ୍ବାଇର ମିଳିତ ଆନୁକୂଲ୍ୟରେ ବୀର ସରେନ୍ଦ୍ର ସାଇ ନଗରସ୍ଥିତ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥାନରେ ୧୪ ଫେବୃୟାରୀ ୨୦୨୦ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି 'ମରାଠୀ ଖାଦ୍ୟୋତ୍ସବ' । ଏତଦ୍ ବ୍ୟତୀତ ସଂସ୍ଥାନ ଦ୍ୱାରା ୧୪ ଏବଂ ୧୫ ଫେବୃୟାରୀକୁ 'ଆତିଥ୍ୟ ଓ ପର୍ଯ୍ୟଟନ ଶିଳ୍ପରେ ଉଦ୍ୟମଶୀଳତା-ନୂତନ ଟ୍ରେଣ୍ଡ ଓ ତାର ଆହ୍ୱାନ' ବିଷୟବସ୍ତୁ ଉପରେ ଏକ ଦୁଇଦିନିଆ ଜାତୀୟସ୍ତରୀୟ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସମ୍ମାନନୀୟ ରାଜ୍ୟ ମନ୍ତ୍ରୀ, ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର ଓ ଶ୍ରୀ ସୁବ୍ରତୋ ବାଗ୍‌ଚି, ଅଧକ୍ଷ, ଓଡ଼ିଶା କୌଶଳ ବିକାଶ ନିୟୋଗଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା ଏହି ସମ୍ମିଳନୀ । ଅନ୍ୟ ସମ୍ମାନନୀୟ ଅତିଥିମାନଙ୍କ ମଧ୍ୟରେ ଶ୍ରୀ ବିଶାଳ ଦେବ, ଆଇଏଏସ୍., ଆୟୁକ୍ତ ସହ ସଚିବ, ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ଆଇଏଏସ୍, ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର ଏବଂ ଅନେକ ପ୍ରମୁଖ ସଚିବ, ଅଧିକାରୀ, ପ୍ରସିଦ୍ଧ ସେଫ୍, ହୋଟେଲ ଶିଳ୍ପପତି ଓ ମନ୍ତ୍ରୀ ଏହି ଉତ୍ସବରେ ଯୋଗଦାନ କରି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସମ୍ମିଳନୀ ଶେଷରେ ସଂସ୍ଥାର ପ୍ରାଧାନାଚାର୍ଯ୍ୟା ଶ୍ରୀମତୀ ଶାରଦା ଘୋଷ ସମ୍ମିଳନୀର ବିପୁଳ ସଫଳତା ପାଇଁ ସଂସ୍ଥାନର କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅତିଥିବୃନ୍ଦଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମଟିକୁ ଅବିନାଶ ଦାଶ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ଧର୍ମଶାଳା, ୧୫/୨ (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଖର ପଞ୍ଚାୟତ ବାଜବାଟି ଗାଁ ରାସ୍ତାରେ ଆଜି ସଂଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଭାବେ ଆହତ ହୋଇଛନ୍ତି । ସ୍ଥାନୀୟ ମହିଶରା ଗ୍ରାମର ତୋଫାନ ମଲିକ(୬୧) ଆଜି ଏକ ସାଇକେଲରେ ଘରକୁ ଫେରୁଥିବାବେଳେ ତାଙ୍କୁ କୌଣସି ଏକ ଗାଡି ଧକ୍କା ଦେଇଥିଲା । ଫଳରେ ସେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ନିକଟସ୍ଥ ଲୋକମାନେ ତାଙ୍କୁନେଇ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## ଚୋରାମଦ ଜବତ, ବେପାରୀ ଗିରଫ

ଧର୍ମଶାଳା,(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ସିନେମା ହଲ୍ ନିକଟରେ ପୁଲିସ୍ ଚଢାଉକରି ୧୭ ବୋତଲ ବିଦେଶୀ ମଦ ଜବତ କରିବା ସହ ଚୋରା ବେପାରୀକୁ ଗିରଫ କରିଛି । ବେପାରୀ ସ୍ଥାନୀୟ ଦିଗମ୍ବରପୁର ଗ୍ରାମର ସୁଦର୍ଶନ ପରିଡାଙ୍କୁ ପୁଲିସ୍ ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି । ସୁଦର୍ଶନ ଏକ ସାଇକଲରେ ମଦ ନେଇ ବିକ୍ରି କରିବାକୁ ଯାଉଥିବା ବେଳେ ପୁଲିସ ହାବୁଡରେ ପଡିଥିଲା ।

## କଣ୍ଠଶିଳ୍ପୀ ଗୀତା ଦାଶ ପାଇବେ ଜ୍ଞାନ ପଟ୍ଟନାୟକ ଗୌରବ ସମ୍ମାନ

ଧର୍ମଶାଳା,(ପିଏନ୍): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଧର୍ମପତ୍ନୀ ସ୍ୱର୍ଗତା ଜ୍ଞାନ ପଟ୍ଟନାୟକଙ୍କ ଏକାଦଶତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ଆସନ୍ତା ୧୭ ତାରିଖ ଅପରାହ୍ଣରେ ଅନୁଷ୍ଠିତ ହେବ । ଏହି ଅବସରରେ ଭକ୍ତି ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ଦାଶ ଙ୍କୁ ଚଳିତ ବର୍ଷର ଜ୍ଞାନ ପଟ୍ଟନାୟକ ଗୌରବ ସମ୍ମାନ ପ୍ରଦାନ କରାଯିବ । ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜୁ ପରିବାରର ବୟୋଜ୍ୟେଷ୍ଠ ସଭ୍ୟ ରବି ଲାବଣ୍ୟଙ୍କ ସଭାପତିତ୍ୱରେ ହେବାକୁ ଥିବା 'ନାରୀ ନିର୍ଯ୍ୟାତନା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ଓଡିଶାର ପୂର୍ବତନ ପୋଲିସ ଡିଜି ଅମୀୟ ଭୂଷଣ ତ୍ରିପାଠୀ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟବକ୍ତା ଏବଂ କଣ୍ଠଶିଳ୍ପୀ ଗୀତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ଆୟୋଜକ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

## ଭାଲେଣ୍ଟାଇନ୍ ଦିବସରେ ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା କଳିଙ୍ଗସେନା

### ପୁଲିସ୍ କମିଶନରଙ୍କ ମନ୍ତବ୍ୟକୁ ଦୃଢ ବିରୋଧ

ଭୁବନେଶ୍ୱର, (ପିଏନ): ଭାଲେଇନ୍ ଦିବସରେ ପ୍ରେମୀ ଯୁଗଳଙ୍କୁ ବିରୋଧ କରି ଆସୁଥିବା କଳିଙ୍ଗସେନା ଆଜି କିନ୍ତୁ ଭିନ୍ନ ଢଙ୍ଗରେ ପାଳନ କରିଛି ଏହି ପ୍ରେମ ଦିବସକୁ । ଇନ୍ଦିରାଗାନ୍ଧୀ ପାର୍କରେ ପୁଲଓ୍ୱାମା ଆକ୍ରମଣରେ ବର୍ଷକ ତଳେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ସେନା ସୁପ୍ରିମୋ ହେମନ୍ତ ରଥ ଓ କଳିଙ୍ଗ ସୈନିକମାନେ । ଏହି ଅବସରରେ ଶ୍ରୀ ରଥ କହିଛନ୍ତି ଯେ ବର୍ଷକ ତଳେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତମାତାର ଯେଉଁ ୪୦ଜଣ ବୀର ଯବାନ ଶହୀଦ ହୋଇଥିଲେ ସେମାନଙ୍କ ପାଇଁ ସମସ୍ତେ ପ୍ରେମ ଦିବସକୁ ଉତ୍ସର୍ଗ କରିବା ଆବଶ୍ୟକ । ଏଥିପାଇଁ ସେନା ପକ୍ଷରୁ ଆଜି ଏଭଳି ଭାବେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ତେବେ ପ୍ରେମୀ ଯୁଗଳଙ୍କୁ ସୁରକ୍ଷା ପ୍ରଦାନ କରାଯିବ ବୋଲି ପୁଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ଶ୍ରୀ ରଥ କଡା ଭାଷାରେ ନିନ୍ଦା କରିଛନ୍ତି । ସେ କହିଛନ୍ତି ଯେ ପୁଲିସ୍ କମିଶନର ପାଶ୍ଚାତ୍ୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବାପାଇଁ ଯେଉଁ ଉଦ୍ୟମ କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଓଡିଶା ଭଳି ସଂସ୍କୃତି ସମ୍ପନ୍ନ ରାଜ୍ୟରେ ଏହାକୁ ସମସ୍ତେ ବିରୋଧ କରିବା ଆବଶ୍ୟକ । ତେବେ ପ୍ରେମ ଦିବସରେ କଳିଙ୍ଗସେନାର ଆଜି ଏଭଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଛି । ସେନାର ସାଧାରଣ ସମ୍ପାଦକ ସ୍ୱାତୀଶ ରଞ୍ଜନ ସାହୁ, ବିଜୟ ରାଜ୍, ମନୋଜ ନାୟକ, ଅବଦୁଲ କୟିମ ଖାନ, ଭକ୍ତଶେଖର ରାୟ, ପ୍ରଦୀପ ସାହୁ, ନାରୀନେତ୍ରୀ ରେଣୁବାଳା ମହାନ୍ତି, ଦିପ୍ତୀମୟୀ ମହାପାତ୍ର, ବିଷ୍ଣୁ ଦାସ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶମାତୃକାର ସେବା କରିବା ପାଇଁ ଯୁବଛାତ୍ର ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ ।

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏକ ବଡ଼ ପ୍ରତିଦ୍ୱନ୍ଦୀ ଭାବେ ଉଭା ହୋଇପାରେ

ଭୁବନେଶ୍ୱର: ୨୧ବର୍ଷରୁ କମ୍ କ୍ରୀଡ଼ାବିତମାନଙ୍କୁ ସେମାନଙ୍କ କୌଶଳ ପ୍ରଦର୍ଶନ କରିବା ନିମନ୍ତେ ଭାରତ ସରକାର ଖେଲୋ ଇଣ୍ଡିଆ ମାଧ୍ୟମରେ ଏକ ଶକ୍ତିଶାଳୀ ମଞ୍ଚର ନିର୍ମାଣ କରିଛନ୍ତି । ଏହି ପ୍ରତିଯୋଗୀତାର ତିନିବର୍ଷର ସଫଳ ସଂସ୍କରଣ ପରେ, କ୍ରୀଡ଼ା ମନ୍ତ୍ରଣାଳୟ ଏହି ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ସ୍ତରରେ ଆହୁରି ଅଧିକ ପ୍ରତିଭାଙ୍କୁ ଖୋଜି ବାହାର କରିବା ନିମନ୍ତେ ଆଶା ରଖିଛି, ଯାହାକି ଆସନ୍ତା ଫେବୃଆରୀ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି । ''ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଏସଆରଏମ ବିଶ୍ୱବିଦ୍ୟାଳୟ ଆମ ପାଇଁ ଏକ କଡ଼ା ମୁକାବିଲା ହେବେ । ପୂର୍ବ ଟୁର୍ଣ୍ଣାମେଣ୍ଟରେ ଏହି ଉଭୟ ବିଶ୍ୱବିଦ୍ୟାଳୟକୁ ଆମେ ହରାଇଦେଇଥିଲୁ, କିନ୍ତୁ ମୁଁ ଏବେ ମଧ୍ୟ ଅନୁଭବ କରୁଛି ଯେ ଆମେ ଯେତେବେଳେ ପୁନଶ୍ଚ ଉଭୟ ଦିଲ୍ଲୀ ଓ ଏସଆରଏମ ବିଶ୍ୱବିଦ୍ୟାଳୟ ବିପକ୍ଷରେ ଖେଳିବୁ ସେତେବେଳେ ଆମେ ଏକ ପାଖାପାଖି ମ୍ୟାଚ ହିଁ ଖେଳିବୁ । ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମରେ ଉଭୟ ବିଶ୍ୱବିଦ୍ୟାଳୟକୁ ପୁଣିଥରେ ପରାଜିତ କରିବା ପାଇଁ ଆମେ କଠିନ ପ୍ରସ୍ତୁତି କରୁଛୁ ।'' ବୋଲି ମୁମ୍ବାଇ ବିଶ୍ୱବିଦ୍ୟାଳୟ ପାଇଁ ଟେବୁଲ ଟେନିସରେ ଅଂଶ ଗ୍ରହଣ କରିଥିବା ମାନସି ଚିପଲୁଙ୍କର କହିଛନ୍ତି । ସେହିଭଳି ଜୈନ ବିଶ୍ୱବିଦ୍ୟାଳୟର ଶିଖା ଗୌତମ କହିଛନ୍ତି ଯେ, '' ମୋ ମତରେ ଦିଲ୍ଲୀ ଓ ପୁନେ ବିଶ୍ୱବିଦ୍ୟାଳୟ ଆମ ପାଇଁ ଦୃଢ଼ ପ୍ରତିଦ୍ୱନ୍ଦୀ ହେବେ । ଆମେ ଅନ୍ୟ କୌଣସି ଦଳ ଉପରେ ଫୋକସ କରିବୁ ନାହିଁ, ଆମର ଲକ୍ଷ୍ୟ କେବଳ ଟୁର୍ଣ୍ଣାମେଣ୍ଟ ଜିତିବା ।'' ସନ୍ତରଣ(ସୁଇମିଙ୍ଗ) ପ୍ରସଙ୍ଗରେ ବାଙ୍ଗାଲୋର ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ଗୌଡ଼ ଅନୁଭବ କରନ୍ତି ଯେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମରେ ଦେଶର ଶ୍ରେଷ୍ଠ ସନ୍ତରଣକାରୀମାନେ ଦିଲ୍ଲୀ ଓ ପୁନେ ୟୁନିଭର୍ସିଟିକୁ ପ୍ରତିନିଧିତ୍ୱ କରିବେ ।

## ଜାରକାରେ ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଧର୍ମଶାଳା,( ପି ଏନ)- ଯାଜପୁରରରର ଜିଲ୍ଲା ଓ ଧର୍ମଶାଳା ଗାୟତ୍ରୀ ପରିବାର ପକ୍ଷରୁ ଯୁଗ ନିର୍ମାଣ ଯୋଜନା, ମଥୁରା ଓ ଗାୟତ୍ରୀ ତୀର୍ଥ ଶାନ୍ତି କୁଞ୍ଜ ହରିଦ୍ୱାର ଆନୁକୁଲ୍ୟରେ ଗତ ୧୦ତାରିଖ ଜାରକା ସ୍ଥିତ ମହୋତ୍ସବ ପଡିଆରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି । ସୋମବାର ସକାଳ ୯ଟା ସମୟରେ ଧର୍ମ ଧ୍ୱଜା ଉତ୍ତୋଳନ ସହ ଶତାଧିକ ମହିଳା ବ୍ରହ୍ମଣୀ ନଦୀରୁ ବିଶାଳ ଭବ୍ୟ କଳସ ଯାତ୍ରାରେ ଯଜ୍ଞ ସ୍ଥଳକୁ ଆସିଥିଲେ । ସଂନ୍ଧ୍ୟାରେ ଶାନ୍ତି କୁଞ୍ଜ ପ୍ରତିନିଧି ଶେଷଦେବ ବଡାଇ ପ୍ରବଚନ ଦେଇଥିଲେ । ୧୧ ତାରିଖ ସକାଳ ୬ଟା ସମୟରେ ସାମୁହିକ ଜପ ଧ୍ୟାନ, ପ୍ରଜ୍ଞା ଯୋଗ, ବ୍ୟାୟାମ , ଆଚାର୍ଯ୍ୟ ବରଣ, ଦେବ ପୂଜନ ପ୍ରବୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଶାନ୍ତି କୁଞ୍ଜ ପ୍ରତିନୀଧି ଶ୍ରୀ ବଡାଇ ପ୍ରବଚନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଶାନ୍ତି କୁଞ୍ଜ ପକ୍ଷରୁ ମହେଶ୍ୱର ମହୀପାତ୍ର, ସୋମ୍ୟଶ୍ୱରେ ତାଣ୍ଡି, ଶ୍ୟାମସୁନ୍ଦର ପାଣ୍ଡେ, ସରୋଜ କୁମାର ପ୍ରଧାନ, ମନହୋର ତାଣ୍ଡି, ଡ. ଚନ୍ଦ୍ରମଣୀ ନାୟକ, ଦାମୋଦର ସେନାପତି ଓ ଅବସର ପ୍ରାପ୍ର ଶିକ୍ଷାବିତ୍ ନବଘନ ମହାନ୍ତୀ, ପ୍ରମୁଖ ପ୍ରତିନିଧିତ୍ୱ କରି କାର୍ଯ୍ୟକ୍ରମକୁ ସଂଚାଳନ କରୁଛନ୍ତି । ଶହାସ୍ରାଧିକ ଗାୟତ୍ରୀ ଶଦ୍ଧାଳୁ ଙ୍କ ସମାଗମ ହୋଇଥିବା ସହ ସମସ୍ତେ ହଳଦିଆ ଧୋତୀ ଓ ମହିଳା ମାନେ ଶାଢୀ ପରିଧାନ କରି ଯଜ୍ଞ ସ୍ଥଳରେ ଉପସ୍ଥିତ ରହୁଛନ୍ତି ।

## ମହାନ୍ ଶିକ୍ଷାବିତ୍ ଓ ଭାରତର ପ୍ରଥମ ମୁସ୍‌ଲିମ୍ ରାଷ୍ଟ୍ରପତି ଡଃ. ଜାକିର୍ ହୁସେନ୍

ଶ୍ରୀ ତପନ କୁମାର ନନ୍ଦ

ମହାନ୍ ଶିକ୍ଷାବିତ୍ ଡଃ. ଜାକିର୍ ହୁସେନ୍ ଭାରତର ପ୍ରଥମ ମୁସ୍‌ଲିମ୍ ରାଷ୍ଟ୍ରପତି ଥିଲେ । ସେ ମେ ୧୩,୧୯୬୭ରେ ଭାରତର ତୃତୀୟ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ । ରାଷ୍ଟ୍ରପତି ହେବା ପୂର୍ବରୁ ସେ ୧୯୬୨-୬୭ ପର୍ଯ୍ୟନ୍ତ ଉପ-ରାଷ୍ଟ୍ରପତି ଭାବରେ କାର୍ଯ୍ୟ ତୁଲାଇଥିଲେ ।

ଜାକିର୍ ହୁସେନ୍‌ଙ୍କ ଜନ୍ମ ଫେବୃୟାରୀ ୦୮, ୧୮୯୭ରେ ହାଇଦ୍ରାବାଦ୍ (ତେଲେଙ୍ଗାନା)ଠାରେ ଏକ ପସ୍ତୁନ୍ ପରିବାରରେ ହୋଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ପରିବାର ଉତ୍ତର ପ୍ରଦେଶର ଫାରୁକାବାଦ୍ ଜିଲ୍ଲାର କେମ୍‌ଗଂଜ୍‌କୁ ଚାଲି ଆସିଥିଲେ । ତାଙ୍କୁ ଯେତେବେଳେ ୧୧ ବର୍ଷ ହୋଇଥିଲା ସେ ତାଙ୍କର ପିତାଙ୍କୁ ହରାଇଥିଲେ ଏବଂ ତା'ର ତିନି ବର୍ଷ ପରେ ତାଙ୍କ ମାତାଙ୍କୁ ମଧ୍ୟ ହରାଇଥିଲେ ।

ସେ ତାଙ୍କର କଲେଜ୍ ଶିକ୍ଷା ଆଲିଗଡ଼୍ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ ଯାହା ସେତେବେଳେ ମହମଡାନ୍ ଆଙ୍ଗ୍ଲୋ ଓରିଏଣ୍ଟାଲ୍ କଲେଜ୍ ଭାବରେ ଜଣାଯାଉଥିଲା, ସେଠାରୁ ପୁରା କରିଥିଲେ । ସେଠାରେ ସେ ଏକ ପ୍ରମୁଖ ଛାତ୍ର ନେତା ଥିଲେ । ତାଙ୍କୁ ଯେତେବେଳେ ୨୩ ବର୍ଷ ହେଉଥିଲା ସେ କେତେଜଣ ଛାତ୍ର ଓ ଶିକ୍ଷକଙ୍କୁ ନେଇ ଆଲିଗଡ଼ଠାରେ ୧୯୨୦ ମସିହାରେ ନ୍ୟାସ୍‌ନାଲ୍ ମୁସଲିମ୍ ୟୁନିଭରସିଟିର ସ୍ଥାପନା କରିଥିଲେ । ଏହା ପରବର୍ତ୍ତୀ ସମୟରେ ଦିଲ୍ଲୀକୁ ସ୍ଥାନାନ୍ତରିତ ହୋଇ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ନାମିତ ହୋଇଥିଲା । ସେ ୧୯୨୬ ମସିହାରେ ବର୍ଲିନ୍‌ରୁ ଅର୍ଥନୀତିରେ ଡକ୍ଟରେଟ୍ ହାସଲ୍ କରି ପୁଣି ଭାରତକୁ ଫେରିଥିଲେ । ସେ ୧୯୨୭ ମସିହାରେ ପୁଣି ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ମଙ୍ଗ ଧରିଲେ ଯାହାର ସ୍ଥିତି ସେତେବେଳେ ଦୟନୀୟ ଥିଲା । ସେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ଭାବେ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ତାଙ୍କର ନେତୃତ୍ୱ ଓ ଅଧ୍ୟବସାୟ ବଳରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଶିକ୍ଷା ଦାନରେ ଅନେକ ଉନ୍ନତି ଘଟିଥିଲା ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ସେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇଥିଲେ ଓ ଇଂରେଜ୍‌ମାନଙ୍କ ବିରୋଧରେ ଆଇନ୍ ଅମାନ୍ୟ ଆନ୍ଦୋଳନରେ ଭାଗ ନେଇଥିଲେ । ସେ ସମୟରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଭାରତ ସ୍ୱାଧୀନତା ସଂଗ୍ରାମର ଏକ କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା ।

ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଡଃ. ଜାକିର୍ ହୁସେନ୍ ମୂଲ୍ୟଭିତ୍ତିକ ଶିକ୍ଷା ଉପରେ ଜୋର୍ ଦେବାକୁ ଲାଗିଲେ । ଶିକ୍ଷାର ସଂସ୍କାର ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ସେ ତାଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଏକ ପ୍ରତିଷ୍ଠିତ ସ୍ଥାନକୁ ନେଇଯାଇଥିଲେ ।

ସ୍ୱାଧୀନତାର ପରବର୍ତ୍ତୀ କାଳରେ ସେ ଆଲିଗଡ଼୍ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଭାରତ-ପାକିସ୍ଥାନର ବିଭାଜନ ଫଳରେ ଆଲିଗଡ଼୍ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟର ସ୍ଥିତି ମଧ୍ୟ ଭଲ ନ ଥିଲା । ପୁଣି ଥରେ ଡଃ. ଜାକିର୍ ହୁସେନ୍ ତାଙ୍କର ନେତୃତ୍ୱ ଓ କଠିନ ପରିଶ୍ରମ ଦ୍ୱାରା ଆଲିଗଡ଼୍ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟକୁ ବାଟକୁ ନେଇ ଆସିଥିଲେ ।

୧୯୪୮ରୁ ୧୯୫୬ ପର୍ଯ୍ୟନ୍ତ ସେ ଆଲିଗଡ଼୍ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ତା'ପରେ ୧୯୫୭ରୁ ୧୯୬୨ ପର୍ଯ୍ୟନ୍ତ ବିହାରର ଗଭର୍ଣ୍ଣର ଭାବରେ କାର୍ଯ୍ୟ ତୁଲାଇଥିଲେ । ସେ ୧୯୬୨ ଭାରତର ଉପରାଷ୍ଟ୍ରପତି ଓ ପରିଶେଷରେ ୧୯୬୭ ମେ ୧୩ ତାରିଖରେ ସେ ଭାରତର ତୃତୀୟ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ । ତାଙ୍କର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ ସମୟରେ ସେ ସମଗ୍ର ଭାରତବର୍ଷକୁ ନିଜର ପରିବାର ଭାବରେ ବର୍ଣ୍ଣନା କରିଥିଲେ ।

କିନ୍ତୁ ଦୁଃଖର ବିଷୟ, ତାଙ୍କର କାର୍ଯ୍ୟକାଳ ସରିବା ପୂର୍ବରୁ ୧୯୬୯ ମସିହା ମେ ୩ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କର ମର ଶରୀରକୁ ତାଙ୍କର ପ୍ରିୟ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ କବର ଦିଆଯାଇଥିଲା ।

ସେ ଯେତେବେଳେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ ତାଙ୍କର ସହପାଠୀମାନଙ୍କୁ ସମସ୍ତ ପ୍ରକାର କୁସଂସ୍କାରରୁ ଓ ସଙ୍କିର୍ଣ୍ଣ ମନୋଭାବରୁ ଦୂରରେ ରହିବାକୁ ପରାମର୍ଶ ଦେଉଥିଲେ । ସମାଜରେ ଯେତେ ନିରକ୍ଷର ଅଛନ୍ତି ତାଙ୍କୁ ସାକ୍ଷର କରିବା ଛାତ୍ରମାନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ପ୍ରେରିତ କରୁଥିଲେ । ଆଜୀବନ ଜ୍ଞାନପିପାସୁ ହୋଇ ରହିବା ପାଇଁ ସମସ୍ତଙ୍କୁ ପ୍ରବର୍ତ୍ତାଉଥିଲେ । ଡଃ. ଜାକିର୍ ହୁସେନ୍ ତାଙ୍କର ସମଗ୍ର ଜୀବନ ଶିକ୍ଷା ଓ ଧର୍ମନିରପେକ୍ଷତାର ମୂଲ୍ୟବୋଧ ପାଇଁ ଉତ୍ସର୍ଗ କରିଥିଲେ । ତାଙ୍କର ଏହି କାର୍ଯ୍ୟ ପାଇଁ ତାଙ୍କୁ ପରବର୍ତ୍ତୀ ସମୟରେ "ଭାରତ ରତ୍ନ''ରେ ସମ୍ମାନିତ କରାଯାଇଥିଲା । ଶିକ୍ଷାର ସଂସ୍କାର ଦ୍ୱାରା ଯେ ଭାରତର ପ୍ରଗତି ସମ୍ଭବ, ସେ ତାଙ୍କ କାର୍ଯ୍ୟ ଦ୍ୱାରା ପ୍ରତିପାଦିତ କରିଥିଲେ ।

**ଆଙ୍କୁଲା, ଯାଜପୁର**

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଧର୍ମଶାଳା,(ପିଏନ୍):ଧର୍ମଶାଳା ବ୍ଲକ ଦେଓଡା ପଞ୍ଚାୟତସ୍ଥ ବଳଦେବଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ସତ୍ୟବାଦୀ ସରଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ମହାସମାରୋହରେ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୃଷଭାନୁ ନାୟକଙ୍କ ସଭାପତିତ୍‌ବରେ ଅନୁଷ୍ଠିତ ସଭାରେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ମୁଖ୍ୟ ଅତିଥି,ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ମୁଖ୍ୟ ବକ୍ତା,ବରୀ ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା,ଦେଓଡା ସରପଞ୍ଚ ତଥା ପୁରାତନ ଛାତ୍ରୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ସରଙ୍କ ଶିକ୍ଷା ପଦ୍ଧତି ଛାତ୍ର ବତ୍ସଳତା ଓ କର୍ତ୍ତବ୍ୟନିଷ୍ଠ ଜୀବନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ ଅତିଥି ସ୍କୁଲର କମିଟିର ସଭାପତି ଯଶୋବନ୍ତ ପଟ୍ଟନାୟକ,ଶିକ୍ଷକ ଶିକ୍ଷୟତ୍ରୀ,ପୁରାତନ ଛାତ୍ରଛାତ୍ରୀ ଶ୍ରୀ ସରଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଦେଇଥିବାବେଳେ,ଶିକ୍ଷକ ଜଗନ୍ନାଥ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ମାନେ ଆତସବାଜୀ ରୋଷଣୀରେ ସର ସାରଙ୍କୁ ଦେଓଡା ଠାରୁ ନେଇ ଜାରକା ସ୍ଥିତ ବାସଭବନ ଠାରେ ଛାଡି ଆସିଥିଲେ ।

## ୩ ଏକର ଆଖୁ ଫସଲ ଜଳିଗଲା

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ବଡକାଏମା ପଞ୍ଚାୟତ ଗୋଗଳ ମୌଜାର ସାଢେ ୩ ଏକର ଜମିରେ ହୋଇଥିବା ଆଖୁ ଫସଲ ଆଜି ଅପରାହ୍ଣରେ ଜଳିଯାଇଛି । ଏହି ଅଗ୍ନିକାଣ୍ଡରେ ୩ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଆଖୁ ଫସଲ ନଷ୍ଟ ହୋଇଯାଇଛି । ପ୍ରକାଶ ଯେ, ଗୋଗଳ ଗ୍ରାମର ଗୌରାଙ୍ଗ ମଲିକ, ଅଶୋକ ମହାନ୍ତି, ସୁରେଖା ମହାନ୍ତି, ଉତ୍ତମ ସାହୁ ଓ ରଂଜନ ସାହୁ କୃଷି ଋଣ କରି ଆଖୁ ଚାଷ କରିଥିଲେ । ଆଉ ଦିନ କେଇଟାରେ ଆଖୁ ଗଛ କଟା ଯାଇଥାନ୍ତା । ତେବେ ନିକଟରେ ଥିବା ଅନ୍ୟ ଏକ ଜମିର ଆଖୁପତ୍ରରେ ଲାଗିଥିବା ନିଆଁ ଏହି ୫ଜଣ ଚାଷୀଙ୍କ ଜମିକୁ ବ୍ୟାପି ଯାଇଥିଲା । ଚାହୁଁ ଚାହୁଁ ଗୋଟିଏ ପରେ ଗୋଟିଏ ଜମିର ଆଖୁ ଫସଲ ଜଳିଯାଇଥିଲା । ଖବରପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲା । ହେଲେ ସେତେବେଳକୁ ସମସ୍ତ ଆଖୁ ଫସଲ ପୋଡି ପାଉଁଶ ହୋଇଯାଇଥିଲା । କ୍ଷତିଗସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

### ରାମକୋ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ଥାନୁଆଳ ଓ ବାଟିଜଙ୍ଗା ବିଜୟୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତସ୍ଥିତ ବାଟିଜଙ୍ଗା ଗାଁ ଖେଳ ପଡିଆରେ ଆଜିଠାରୁ ପ୍ରଥମ ବାର୍ଷିକ ରାମକୋ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଟୁର୍ଣ୍ଣାମେଣ୍ଟକୁ ରାମକୋ ସିମେଣ୍ଟ ହରିଦାସପୁର ଗ୍ରାଇଡିଙ୍ଗ୍ ପ୍ଲାଣ୍ଟ ମୁଖ୍ୟ ପରିଚାଳକ ଅଜିତ୍ କୁମାର ପାଲ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ରାମ୍‌କୋ ପିଆର୍‌ଓ ପ୍ରଦୀପ କୁମାର ସିଂ, ପ୍ରଭାତ କୁମାର ସାହୁ, ସର୍ବେଶ୍ୱର ମହାପାତ୍ର, ଏଜିଏମ୍ ସୁଧାଂଶୁ ରଞ୍ଜନ ମିଶ୍ର, ଆରୁହା ସରପଞ୍ଚ ହରିହର ରାଉତ ଓ ଥାନୁଆଳ ସମିତିସଭ୍ୟ ପ୍ରସନ୍ନ କୁମାର ରାଉତ ଅତିଥିଭାବେ ଯୋଗ ଦେଇଥିଲେ ।
ଉଦ୍‌ଘାଟନୀ ମ୍ୟାଚରେ ଆରୁହା କ୍ରିକେଟ ଟିମ୍‌କୁ ୪୬ ରନ୍ ରେ ପରାସ୍ତ କରି ଥାନୁଆଳ କ୍ରିକେଟ୍ ଟିମ୍ ବିଜୟୀ ହୋଇଛି । ଥାନୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ଉଇକେଟ୍ ହରାଇ ୧୯୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଜିତେନ୍ଦ୍ର ଜେନା ୬୨ ଓ ଅଜିତ ନାୟକ ୩୮ ରନ କରିଥିଲେ । ବିପକ୍ଷ ଦଳର ତୋଫାନ ବାରିକ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ଜବାବରେ ଆରୁହା ଦଳ ବ୍ୟାଟିଂ କରି ୧୦.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୯ ରନ କରି ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ଆକାଶ ଜେନା ୫୨ ଓ ମନୋଜ ସାମଲ ୩୦ ରନ କରିଥିଲେ । ବିପକ୍ଷ ଦଳର ଜିତେନ୍ଦ୍ର ଜେନା ୩ଟି ଉଇକେଟ୍ ନେଇଥିଲେ । ସେହିପରି ଦ୍ୱିତୀୟ ମ୍ୟାଚରେ ଆରଜେଏମ୍ ଟିମ୍‌କୁ ୫ ଉଇକେଟ୍‌ରେ ପରାସ୍ତ କରି ବାଟିଜଙ୍ଗା କ୍ରିକେଟ୍ ଟିମ୍ ବିଜୟୀ ହୋଇଛି । ଆରଜେଏମ୍ ଦଳ ପ୍ରଥମେ ବ୍ୟାଟିଂ କରି ୧୧.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୧ ରନ କରିଥିଲା । ଦଳ ପକ୍ଷରୁ ଭରତ ମାରାଣ୍ଡି ୩୨ ରନ କରିଥିଲେ । ବିପକ୍ଷ ବାଟିଜଙ୍ଗା ପକ୍ଷରୁ ଆନନ୍ଦ ରାଉଳ ୩ଟି ଉଇକେଟ୍ ନେଇଥିଲେ । ଜବାବରେ ବାଟିଜଙ୍ଗା ଟିମ୍ ୬.୩ ଓଭରରେ ୫ ଉଇକେଟ୍ ହରାଇ ୮୨ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଆଶୁତୋଷ ଦାସ ୩୪ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରହ୍ଲାଦ ସାହୁ ୩ଟି ଉଇକେଟ୍ ନେଇଥିଲେ । ଖେଳକୁ ଅମରେଶ ପରିଡା ଓ ରଞ୍ଜନ ପାଲ ପରିଚାଳନା କରିଥିଲେ । ସମ୍ବିତ ଦଳାଇ ଓ ଅଞ୍ଜନ ଏଥିରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କ ବିୟୋଗ



ନେଉଳପୁର,(ପି.ଏନ):-କେନ୍ଦ୍ର ସରକାରଙ୍କ ଅଧିନସ୍ଥ ରେଲୱେ ବିଭାଗରେ ବହୁ ବର୍ଷ କାମ କରି ଅବସର ଗ୍ରହଣ କରିଥିବା ଉସ୍ମାନ ଅଲ୍ଲୀ(୯୩)ଙ୍କର ଗତ ୧୨ ତାରିଖ ବୁଧବାର ବିୟୋଗ ହୋଇଛି । ଅବସରପରେ ଶ୍ରୀ ଅଲ୍ଲୀ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡିତ ହୋଇ କଟକ, କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲାରେ ବେଶ ପରିଚିତ ହୋଇଥିଲେ । ମୃତ୍ୟୁ ପୂର୍ବରୁ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ କିଛି ଦିନ ଘରେ ରହିବା ପରେ ତାଙ୍କର ବିୟୋଗ ଘଟିଛି । ତାଙ୍କ ବିୟୋଗରେ ତାଙ୍କ ଭାଇ ବିରାଦର ଓ ବହୁ ହିନ୍ଦୁ ଲୋକ ତାଙ୍କ କୁସମ୍ଭି ଗ୍ରାମସ୍ଥ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିଥିଲେ । ପରେ ତାଙ୍କ ମର ଶରୀରକୁ ଏକ ଶୋଭା ଯାତ୍ରାରେ ନିଜ ଗ୍ରାମ କବର ଖଅନାରେ କବର ଦିଆଯାଇଥିଲା । ମୃତ୍ୟୁ ସମୟରେ ତାଙ୍କର ୩ ପୁଅ ହେଲେ ଖୁରଷିଦ ଅଲୀ,ଏସ.କେ.ଇସମାଇଲ ଅଲୀ., ମୁରସିଦ ଅଲୀ, ଏକମାତ୍ର ଝିଅ ଲତା ବିବି ଓ ତାଙ୍କର ପିଲାପିଲି ସମସ୍ତେ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ କୁସୁମ୍ଭି ଓ ଆଖାପାଖ ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା ।

## ଧର୍ମଶାଳା ସିଏଚ୍‌ସିରେ ଦୁଇ ନୂଆ ଡାକ୍ତର

ଧର୍ମଶାଳା,(ପିଏନ୍):ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ନୂଆ ଡାକ୍ତର (ଓପିଏସ୍) ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଫଳରେ ଡାକ୍ତରଙ୍କ ସଂଖ୍ୟା ୫ରେ ପହଞ୍ଚିଛି । ଦୀର୍ଘଦିନ ହେଲା ଏହି ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିଲା । ୪୫ଟି ପଞ୍ଚାୟତର ହଜାର ହଜାର ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ବିରୋଧୀ ଦଳ ପକ୍ଷରୁ ଗଣଧାରଣା ଦିଆଯିବା ସହିତ ଆନ୍ଦୋଳନର ଡାକରା ଦିଆଯାଇଥିଲା । ତେବେ ଆଜି ଡାକ୍ତର ସିଦ୍ଧାର୍ଥ ମହାପାତ୍ର ଓ ବିଶ୍ୱରଂଜନ ରାଉତରାୟ ଯୋଗଦେବା ଫଳରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୫ ଓ ୧୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ









ଆସନ୍ତା ଫେବୃୟାରୀ ୨୨ ତାରିଖରୁ ଭୁବନେଶ୍ୱର ଏବଂ କଟକରେ ଅନୁଷ୍ଠିତ ହେବାକୁଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ସ୍ୱାଗତ ଜଣାଇ ଭୁବନେଶ୍ୱର ବିମାନ ବନ୍ଦରରେ ଶୋଭାପାଉଥିବା ବାଲୁକା କଳା

# ଉତ୍କଳ କନିକା ଗ୍ୟାଲେରିଆ ପରିସରରେ ରକ୍ତଦାନ ଶିବିର



ଭୁବନେଶ୍ୱର(ପିଏନ) : ସ୍ଥାନୀୟ କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ଏବଂ ବ୍ଲଡ କନେକ୍ଟର ମିଳିତ ଆନୁକୁଲ୍ୟରେ ଏକ ରକ୍ତ ଦାନ ଶିବିର ଉତ୍କଳ କନିକା ଗ୍ୟାଲେରିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପରେ ଉତ୍କଳ କନିକା ଗ୍ୟାଲେରିଆ କର୍ମୀ ଏବଂ ରିଟେଲର କର୍ମୀମାନଙ୍କଠାରୁ ବିଭିନ୍ନ ଗ୍ରୁପ୍‌ର ୮୦ ଲିଟର ରକ୍ତ ସଂଗ୍ରହ କରାଯାଇଥିଲା । ମଲ୍‌ର ପରିଚାଳନା କମିଟି ତରଫରୁ ପ୍ରକାଶ ଯେ ରକ୍ତ ଦାନ ଏକ ମହା ପୁଣ୍ୟ ଅଟେ । ନିୟମିତ ରକ୍ତ ଦାନ କଲେ ପ୍ରତ୍ୟେକ୍ଷରେ ଆମ୍ଭେ ଅନ୍ୟର ଜୀବନ ବଞ୍ଚାଇ ପାରିବା ବୋଲି ମଲ୍‌ର କର୍ତ୍ତୃପକ୍ଷଙ୍କ ତରଫରୁ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା ।

# କିସ୍‌ର ୧୯୫୦ ମାଟ୍ରିକ୍ ପରୀକ୍ଷାର୍ଥୀ: ଦେଶରେ ରେକର୍ଡ



ଭୁବନେଶ୍ୱର, ୧୬।୨(ପିଏନ): ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍(କିସ୍)ରୁ ସର୍ବାଧିକ ୧୯୫୦ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ଗୋଟିଏ ବିଦ୍ୟାଳୟରୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବା ଓଡ଼ିଶା ଶିକ୍ଷା ବୋର୍ଡ ଇତିହାସରେ ଏକ ରେକର୍ଡ ବୋଲି କୁହାଯାଉଥିବା ବେଳେ ସମଗ୍ର ଭାରତବର୍ଷରେ ଏହା ମଧ୍ୟ ଏକ ରେକର୍ଡ ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି । ଏହା ପାଖାପାଖି ୫୦ଟି ସରକାରୀ ବିଦ୍ୟାଳୟର ମୋଟ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ସହ ସମାନ । ଏମାନଙ୍କ ମଧ୍ୟରେ ଓଡିଶାର ୩୦ ଜିଲ୍ଲାର ଜନଜାତି ଛାତ୍ରଛାତ୍ରୀ ଓ ଆଦିମ ଜନଜାତି ଛାତ୍ରଛାତ୍ରୀ ମଧ୍ୟ ଅଛନ୍ତି । କିସ୍‌ର ଛାତ୍ରଛାତ୍ରୀମାନେ ଭୁବନେଶ୍ୱରର ୪ଟି ପରୀକ୍ଷା କେନ୍ଦ୍ର ଯଥା ନିଳାଦ୍ରୀବିହାର, ୟୁନିଟ୍-୮, ଫକିରମୋହନ ନଗର, ଧର୍ମବିହାର ସ୍ୱରସ୍ୱତୀ ଶିଶୁ ମନ୍ଦିର ଏବଂ ଚନ୍ଦ୍ରଶେଖରପୁର ଫେଜ୍-୨ସ୍ଥିତ ସରକାରୀ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ । କିସ୍‌ରୁ ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ଲାଗି କିସ୍ ପକ୍ଷରୁ ୪୦ଟି ବସ୍‌ର ବନ୍ଦୋବସ୍ତ କରାଯାଇଛି । ମାଟ୍ରିକ୍ ପରୀକ୍ଷା ଅବ୍ୟବହିତ ପୂର୍ବରୁ ରବିବାର କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପରୀକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ କଲମ ବଣ୍ଟନ କରିଥିଲେ । ପିଲାମାନଙ୍କୁ ପରାମର୍ଶ ଦେଇ ଶ୍ରୀ ସାମନ୍ତ କହିଲେ, ପରୀକ୍ଷା ସମୟରେ ଆଦୌ ବିଚଳିତ ନ ହୋଇ ସ୍ଥିରଚିତ୍ତ ଭାବେ ପରୀକ୍ଷାର ସମ୍ମୁଖୀନ ହୁଅ । ବର୍ତ୍ତମାନ ସମୟ ତୁମ ପାଇଁ ବହୁତ ମୂଲ୍ୟବାନ । କୌଣସ ବିଷୟରେ ସନ୍ଦେହ ରହିଲେ ତୁରନ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତା ନେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ମଧ କିସ୍‌ର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିବେ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଥିଲେ ।

# ଓଡ଼ିଶାର ସାମୁହିକ ସାମାଜିକ-ଆର୍ଥିକ ବିକାଶ ପାଇଁ ଶିଳ୍ପ ପ୍ରତିନିଧିଙ୍କ ସହିତ ଆଲୋଚନା କଲେ ମୁଖ୍ୟ ସଚିବ



ଭୁବନେଶ୍ୱର : ଓଡ଼ିଶାର ସାମୁହିକ ସାମାଜିକ-ଆର୍ଥିକ ବିକାଶ ପାଇଁ ମୁଖ୍ୟ ସଚିବ ଅସିତ୍ କୁମାର ତ୍ରିପାଠୀ ଏବଂ ମୁଖ୍ୟ ଶିଳ୍ପ ସଚିବ ହେମନ୍ତ କୁମାର ଶର୍ମା ବିଭିନ୍ନ ଶିଳ୍ପ ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିଲା । ଏହି ଆଲୋଚନାରେ ବେଦାନ୍ତ, ଟାଟା ଷ୍ଟିଲ୍, କଳିଙ୍ଗନଗର, ଟାଟା ଷ୍ଟିଲ୍, ବିଏସ୍‌ଏଲ୍, ଟାଟା ଷ୍ଟିଲ୍ ଏସ୍‌ଇଜେଡ୍, ଟିଏସ୍ ଆଲଏ ଲିଃ., ଆଦିତ୍ୟ ଆଲୁମିନିୟମ୍, ଅଲ୍ଟ୍ରାଟେକ୍ ସିମେଂଟ୍ ଲିଃ., ଗ୍ରାସିମ୍ ଇଣ୍ଡଷ୍ଟ୍ରି ଲିଃ., କେମିକାଲ ଡିଭିଜନ, ଇମାମି ପେପର ମିଲ୍ସ ଲିଃ., ଜେକେ ପେପର ମିଲ୍ସ, ଜିନ୍ଦଲ ଷ୍ଟେନଲେସ୍ ଲିଃ., ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିଃ., ଏସ୍‌ଏମ୍‌ଏସ୍ ଇଣ୍ଡିଆ ପ୍ରା.ଲିଃ. ଆଦି ଯୋଗଦେଇଥିଲେ । ନୀତି ପ୍ରଣୟନ ସମସ୍ୟା, ଜଳ ଯୋଗାଣ, ଭିତିଭୂମି, ମାଲ୍ ପରିବହନ, ସ୍ଥାନୀୟ ଆଇନ ଶୃଙ୍ଖଳା ସମସ୍ୟା ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଶିଳ୍ପ ସଚିବ ହେମନ୍ତ ଶର୍ମା ପ୍ରାରମ୍ଭିକ ଅଭିଭାଷଣ ଦେଇ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଇଡକୋ ସିଏମ୍‌ଡି ସଞ୍ଜୟ ସିଂ ଜଳ ଯୋଗାଣ, ପାର୍କି ସୁବିଧା, ଶିଳ୍ପ ଟାଉନ୍ ଶିପ୍ ସ୍ଥାପନର ଯୋଜନ ।ସମ୍ପର୍କରେ ଅବଗତ କରାଇଥିଲେ । ସ୍ଥାନୀୟ ଯୁବବର୍ଗଙ୍କ ଦକ୍ଷତା ବିକାଶ ପାଇଁ ଜେଏନ୍‌ଟିଭିଟିଆଇର ମିଳିତ ସହଯୋଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଭଳି ମଡେଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଶିଳ୍ପ ଜୋନ୍‌ରେ ସ୍ଥାପନ କରାଯିବା ଉପରେ ସେ ଆଲୋକପାତ କରିଥିଲେ । ବିମାନ ତଥା ରେଳ ପରିବହନ ଉପରେ କାର୍ଯ୍ୟ ଜାରି ରହିଥିବାବେଳେ କଂଚାମାଲ୍ ସୁରକ୍ଷା, କୋଇଲା ଯୋଗାଣ, ଜଳ ଯୋଗାଣ, ଏବଂ ପରିବହନ ବ୍ୟବସ୍ଥାର ତଦାରଖ ସମ୍ପୃକ୍ତ ବିଭାଗ ଦ୍ୱାରା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶିଳ୍ପ ସଂସ୍ଥାଗୁଡ଼ିକୁ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ସେବା ଉପଲବ୍ଧ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରତିଶିଳ୍ପ ସଂସ୍ଥା ପାଇଁ ଶିଳ୍ପ ବିଭାଗ ସହାୟତାରେ ଏକ ପେଜର ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# କେ.ଏସ୍.ଇ ଓ କିମ୍‌ସଆରରେ ସ୍ୱାସ୍ଥ୍ୟ ସଚେତନତା ଶିବିର

କେନ୍ଦୁଝର(ପିଏନ): କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଫାର୍ମାସି କଲେଜ ଦ୍ୱାରା ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ହୀମା ହସ୍‌ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ମମତାରାଣୀ ଜେନା ଯୋଗ ଦେଇ ଆଜିର ଯୁବପୀଢି ଯେପରି ଭାବରେ ଫାଷ୍ଟଫୁଡ୍‌କୁ ଗ୍ରହଣ କରି ଚାଲିଛନ୍ତି ଏବଂ ମେଦବହୁଳତା ଅଳ୍ପବୟସରେ ଯୁବକ ଯୁବତୀଙ୍କ ନିକଟରେ ଦେଖା ଦେଇଛି ଏବଂ ଭବିଷ୍ୟତରେ ଏକ ଭୟଙ୍କର ରୋଗର କାରଣ ମଧ୍ୟ ହୋଇ ଯାଇଛି ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ।

# 'ମୋ ପିଲା ଭଲରେ ସ୍କୁଲ ଯାଇ ଫେରିବ ତ ?'

## ଟ୍ରାଫିକ୍ ସମସ୍ୟାକୁ ନେଇ ଚିନ୍ତିତ ଅଭିଭାବକ

କେନ୍ଦୁଝର(ପିଏନ): ଆଉ ଦୁଇ ଦିନ ପରେ ମ୍ୟାଟ୍ରିକ୍ ପରୀକ୍ଷା । ଏନେଇ ଛାତ୍ରାଛାତ୍ରୀଙ୍କ ମନରେ ନାନା ଉତ୍କଂଣ୍ଠା ରହିଛି । କିନ୍ତୁ ଅଭିଭାବକମାନଙ୍କ ମନରେ ନିଜ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ରହିଥିବା ଜଣାପଡିଛି । କାରଣ ପୂର୍ବ ଅପେକ୍ଷା ବର୍ତମାନ ୪୯ ଓ ୨୦ ନଂ ଜାତୀୟ ରାଜପଥରେ ପ୍ରତି ମୁହୂର୍ତରେ ଜୀବନ ଚାଲିଯିବାର ଭୟ ଲାଗି ରହୁଛି । ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଭାରୀଯାନ ଦିନ ଓ ରାତି ତମାମ ଯାତାୟତ କରୁଛି । ଯାହାଫଳରେ ରାସ୍ତାଗୁଡିକ ଖାଲ ଖମାରେ ଭର୍ତି ହେବା ସହ ଅତ୍ୟଧିକ ପରିମାଣରେ ଜାମ୍ ହେବା ପରିଲିକ୍ଷିତ ହୋଇଛି । ରାସ୍ତା ଜାମ୍ ଏତେ ଅଧିକ ଯେ ଜଣେ ଲୋକ ଗୋଟିଏ କାମରେ ଘରୁ ବାହାରିଲେ ଯେଉଁ କାମ ତାକୁ ୧୦ ରୁ ୧୫ ମିନିଟ୍ ସମୟ ଲାଗିଥାନ୍ତା ଏବେ ତାକୁ ୨୫ ରୁ ୪୦ ମିନିଟ୍ ସମୟ ଲାଗିଯାଉଛି । ଏଭଳି ସ୍ଥଳେ ଛୋଟ ଛୋଟ କମଳମୋତି ଛାତ୍ରଛାତ୍ରୀ କିଭଳି ଯାତାୟତ କରିବେ, ଯଦି କରିବେ ମୋ ପିଲା ସୁରକ୍ଷାରେ ସ୍କୁଲକୁ ଯାଇ ଫେରି ଆସିବ ତ ! ଏହିଭଳି ନାନା ପ୍ରଶ୍ନ ଅଭିଭାବକଙ୍କ ମନରେ ସୃଷ୍ଟି କରୁଛି । ହେଲେ ଏପ୍ରତି ଜିଲ୍ଲା ପ୍ରଶାସନ ଦାୟୀତ୍ୱ ଶୁନ । ଜିଲ୍ଲାପ୍ରଶାସନ କାହିଁକି ଦିବାରାତ୍ର ଏହି ଭାରୀଯାନ ଗୁଡିକୁ ଚଳାଚଳର ଅନୁମୋତି ଦେଇଛନ୍ତି ତାହା ଏହି ଜିଲ୍ଲାବାସୀ ତଥା ଅଂଚଳବାସୀ ମନରେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି ସତ ହେଲେ କେନ୍ଦୁଝର ଜିଲ୍ଲାବାସୀ ଏହାର କି ଲାଭ ଉଠାଉଛି ତାହା ସହଜରେ ଅନୁମେୟ । ଦୁଃଖ ଓ ବଡ ପରିତାପର ବିଷୟ ଯେ ଜଣେ ରାସ୍ତା ପାର ହେବା ପାଇଁ ତାକୁ ୧୦ ରୁ ୧୫ ମିନିଟ୍ ସମୟ ଲାଗିଯାଉଛି , ତେବେ ଏହି ଜିଲ୍ଲାବାସୀ କେତେ ଉନ୍ନତ ବା କେତେ ସୁରକ୍ଷିତ ତାହା ସହଜରେ ଜଣାପଡୁଛି । ଜିଲ୍ଲାବାସୀ ତଥା ଛୋଟ ଛୋଟ କମଳମୋତି ଛାତ୍ରଛାତ୍ରୀଙ୍କ ଜୀବନ ତଥା ଭବିଷ୍ୟତକୁ ଆଖି ଆଗରେ ରଖି ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରି ଜିଲ୍ଲାବାସୀ ତଥା ଛୋଟ ଛୋଟ ଛାତ୍ରଛାତ୍ରୀଙ୍କୁ ସୁରକ୍ଷାରେ ଦେବାକୁ ସାଧାରଣରେ ଦାବି ହୋଇଛି ।

# କାଭିନକେୟାର୍‌ର ଇନୋଭେଟିଭ କେଶରଙ୍ଗ ବ୍ରାଣ୍ଡ୍ 'ଇଣ୍ଡିକା'ର ବ୍ରାଣ୍ଡ୍ ଆମ୍ବାସାଡର ଅକ୍ଷୟ କୁମାର ଓ ଇଲିଆନା ଡି'କ୍ରୁଜ୍

ଭୁବନେଶ୍ୱର, ୧୬।୨– ଭାରତର ଅଗ୍ରଣୀ ଏଫଏମସିଜି ଉତ୍ପାଦକାରୀ ଗ୍ରୁପ୍ କାଭିନ୍‌କେୟାର ୨୦୦୮ରେ ୧୦ ମିନିଟ୍‌ରେ କେଶରଙ୍ଗ କରିବାର ଏକ ମହାନ ବ୍ୟବସ୍ଥା ସହିତ ଭାରତର କେଶରଙ୍ଗ କ୍ଷେତ୍ରରେ ବିପ୍ଳବ ଆଣିଥିବା ତାହାର ବ୍ରାଣ୍ଡ୍ ଉତ୍ପାଦ 'ଇଣ୍ଡିକା'ର ସଦ୍ୟତମ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଅକ୍ଷୟ କୁମାର ଏବଂ ଇଲିଆନା ଡି'କ୍ରୁଜ୍‌ଙ୍କୁ ନିଯୁକ୍ତ କରିବା ସଂପର୍କରେ ଘୋଷଣା କରିଛି । ଏକ ଅତ୍ୟାଧୁନିକ ପ୍ଲାଟଫର୍ମ '୧୦ ମିନିଟରେ କେଶରଙ୍ଗ' ପ୍ଲାଟଫର୍ମରେ ସ୍ଥାନ ପାଇଥିବା ଇଣ୍ଡିକା ଦକ୍ଷିଣ ଭାରତରେ ଏହି ଶ୍ରେଣୀର ବଜାରେ ଅଗ୍ରଣୀ ସ୍ଥାନ ଦଖଲ କରିଛି ଏବଂ ଭାରତର କେଶରଙ୍ଗ ବିଭାଗରେ ଏକ ଅଦମନୀୟ ଉତ୍ପାଦ ହେବାକୁ ଯାଉଛି । ଏହାର ଉତ୍ପାଦଶୃଙ୍ଖଳାରେ ରହିଛି ବିବିଧ ରେଞ୍ଜ୍‌ର ଆମୋନିଆ ରହିତ କେଶରଙ୍ଗ । ଯଥା ଇଣ୍ଡିକା ଇଜି, ଏହି ଧରଣର ପ୍ରଥମ ଉତ୍ପାଦ 'ଡୁ ଇଟ୍ ୟୋରସେଲ୍ଫ' ୧୦ ମିନିଟ୍ ସାମ୍ପୁ ହେୟାର କଲର୍; ଇଣ୍ଡିକା କ୍ରିମ- ୧୦ ମିନିଟ୍ କ୍ରିମ ହେୟାର କଲର୍ ଏବଂ ଇଣ୍ଡିକା ୧୦ ମିନିଟ୍‌ସ- ଏକମାତ୍ର ୧୦ ମିନଟ୍ ପାଉଡର ହେୟାର କଲର୍ । ଏହା ଇଣ୍ଡିକାକୁ ଗ୍ରାହକଙ୍କ ନିମନ୍ତେ ଅତିଶୀଘ୍ର ଏବଂ ଅତି ସହଜ କେଶରଙ୍ଗ ସମାଧାନ ପ୍ରଦାନ କରୁଥିବା ଉତ୍ପାଦରେ ପରିଣତ କରିଛି । ଇଣ୍ଡିକା ହେୟାର କଲର୍ ସମଗ୍ର ଦେଶରେ ବିବିଧ ରଙ୍ଗରେ ଉପଲବ୍ଧ ହେଉଛି ।

ନୂତନ ଆମ୍ବାସାଡର ନିଯୁକ୍ତି ସଂପର୍କରେ ମତଦେଇ ପର୍ସନାଲ କେୟାର ଆଣ୍ଡ୍ ଆଲାଏନ୍ସର ଡାଇରେକ୍ଟର ତଥା ସିଇଓ ଶ୍ରୀ ଭେଙ୍କଟେଶ ବିଜୟରାଘବନ୍ କହିଛନ୍ତି, "ବିଗତ ବର୍ଷଗୁଡିକରେ ଇଣ୍ଡିକା ଦ୍ରୁତ ଅଭିବୃଦ୍ଧି ହାସଲ କରୁଛି ଏବଂ ଏହା ନିଜର ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ କରିବାକୁ ଯାଉଛି । ଇଣ୍ଡିକାକୁ ପ୍ରତିନିଧିତ୍ୱ କରିବା ସକାଶେ ଆମେ ଅକ୍ଷୟ କୁମାର ଏବଂ ଇଲିଆନା ଡି'କ୍ରୁଜ୍‌ଙ୍କ ଭଳି ପ୍ରତିଭାଧାରୀ ଏବଂ ସ୍ୱଷ୍ଟ ପରିଦୃଶ୍ୟ ବ୍ୟକ୍ତିତ୍ୱଙ୍କୁ ପାଇ ଆମେ ଆନନ୍ଦିତ । ସେମାନେ ବ୍ରାଣ୍ଡ୍ ଏବଂ ତାହାର ମୌଳିକ ମୂଲ୍ୟବୋଧକୁ ବ୍ୟକ୍ତିତ୍ୱର ରୂପ ପ୍ରଦାନ କରୁଛନ୍ତି ଏବଂ ତଦ୍ୱାରା ବ୍ରାଣ୍ଡର ଚିତ୍ର ପାଇଁ ସେମାନେ ନିଜେ ଆଦର୍ଶ ଅବତାର ହୋଇଛନ୍ତି । ଷ୍ଟାଇଲ, ଯୁବସୁଲଭତା ଏବଂ ସଂପୂର୍ଣ୍ଣ ନୂତନ ପ୍ରଦର୍ଶନର ଉପଯୁକ୍ତ ସମନ୍ୱୟ ଅକ୍ଷୟ କୁମାର ଏବଂ ଇଲିଆନା ଡି'କ୍ରୁଜ୍‌ଙ୍କୁ ଇଣ୍ଡିକା ହେୟାର କଲର୍‌ର ଚେହେରା ବନିବାରେ ସଠିକ ପସନ୍ଦ ହୋଇଛି ।"ବ୍ରାଣ୍ଡ୍ ସହିତ ନିଜର ସଂପୃକ୍ତି ବିଷୟରେ ମତଦେଇ ଅକ୍ଷୟ କୁମାର କହିଛନ୍ତି, "କାଭିନ୍‌କେୟାରର ଏକ ଉତ୍ପାଦ ଇଣ୍ଡିକା ହେୟାର କଲର୍‌ର ବ୍ରାଣ୍ଡ ଆମ୍ବାସାଡର ଭାବେ ତାହାସହିତ ସଂପୃକ୍ତ ହୋଇ ମୁଁ ଆନନ୍ଦିତ । ଏହି ବ୍ରାଣ୍ଡ୍ ନୂତନତ୍ୱ ଚିନ୍ତାଧାରାର ପୁନଃ ସଂଜ୍ଞାନିର୍ଦ୍ଧାରଣ ନିମନ୍ତେ ପରିଚିତ ଏବଂ ଇଣ୍ଡିକା ପରିବାରର ଅଂଶବିଶେଷ ହେବା ଏକ ଚମତ୍କାର ଅନୁଭୂତି, ଯେଉଁଠି କେଶର ରଙ୍ଗ ମାତ୍ର ୧୦ ମିନିଟ୍ ମଧ୍ୟରେ କରାଯାଇପାରିବ । ବ୍ରାଣ୍ଡ୍ ସହିତ ମୋର ଏବଂ ଇଲିଆନାଙ୍କର ସଂପୃକ୍ତି ଦ୍ୱାରା ଆମେ ମିଳିତ ଭାବେ ଏହି ବ୍ରାଣ୍ଡ୍‌ର ଉତ୍ତମ ଦିଗ ଏବଂ ଏବଂ ଏହାର ବ୍ୟବହାର ସଂପର୍କରେର ଦେଶର ଜନସାଧାରଣଙ୍କୁ ଅବଗତ କରାଇ ଏହି ବ୍ରାଣ୍ଡ୍‌କୁ ଲୋକପ୍ରିୟ କରାଇବା ପ୍ରୟାସ କରିବୁ ।" ବ୍ରାଣ୍ଡ୍ ସହିତ ତାଙ୍କର ସଂପୃକ୍ତି ବିଷୟରେ ଉଲ୍ଲେଖକରି ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ କହିଛନ୍ତି, "କାଭିନ୍‌କେୟାର ପରିବାର ଏବଂ ଇଣ୍ଡିକା ହେୟାର କଲର୍ ସହିତ ସଂଯୁକ୍ତ ହୋଇ ମୁଁ ଅତ୍ୟନ୍ତ ଆନନ୍ଦିତ । ଇଣ୍ଡିକାର ବହୁବିଧ କେଶରଙ୍ଗ ଉତ୍ପାଦ ରହିଛି ଏବଂ ଏହାକୁ କୌଣସି ପାତ୍ର ଅଥବା ବ୍ରଶ୍‌ର ସହାୟତା ବିନା କେଶରେ ଲଗାଇବାକୁ ମାତ୍ର ୧୦ ମିନିଟ୍ ଲାଗୁଛି । ଆମର ସଂପୃକ୍ତି ଦ୍ୱାରା ସର୍ବଭାରତୀୟ ସ୍ତରରେ ଆମେ ଯୁବସୁଲଭ ଅନୁଭବ କରିବା ବାର୍ତ୍ତାନେଇ ଏବଂ ଜନସାଧାରଣଙ୍କୁ ଜୀବନରେ ଅଗ୍ରସର ହେବା ନିମନ୍ତେ ସଠିକ ଆତ୍ମବିଶ୍ୱାସ ଯୋଗାଇଦେଇ ସେମାନଙ୍କ ନିକଟରେ ପହଂଚିବା ଆଶା ରଖିଛୁ ।"

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୩ତମ ବାର୍ଷିକ ଉତ୍ସବ




କେନ୍ଦୁଝର (ପିଏନ): ସ୍ଥାନୀୟ ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ପରିଚାଳନା ସମିତିର ସଭାପତି ଡଃ କାର୍ତିକ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡଃ ପଓ୍ୱନ କୁମାର ଅଗ୍ରୱାଲ, କୁଳପତି, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଯୋଗ ଦେଇ ବର୍ତମାନ ସମୟରେ ସମାଜରେ କେବଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାରା ଶିଶୁର ସମଗ୍ର ବିକାଶ ହୋଇପାରିବ ବୋଲି ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ପରିଚାଳନା ସମିତିର ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଭାବରେ ଡଃ ବିମଳ ଚରଣ ସ୍ୱାଇଁ, ପ୍ରାଧ୍ୟାପକ ନଳିନୀଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର ଯୋଗଦେଇ ସମାଜ ଗଠନରେ ଶିଶୁମନ୍ଦିରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ରୀ ଶୁଭସୁଲଗ୍ନା ଦାସ, ଅଧ୍ୟାପିକା, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ ଯୋଗ ଦେଇ ଚେଷ୍ଟା କଲେ ସବୁକିଛି ମିଳିପାରିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପରିଚାଳନା ସମିତିର ଉପସଭାପତି ଇଂ ହରମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ୩ୟ ଶ୍ରେଣୀ, ୫ମ ଶ୍ରେଣୀ ସରକାରୀ ବୃତି, ପଠାଣ ସାମନ୍ତ ତଥା ଗତ ମାଟ୍ରିକ ପରୀକ୍ଷାରେ ଏ୧ ସ୍ତର ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟା ସୁପ୍ରୀତି ସେନଗୁପ୍ତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ସଭାକାର୍ଯ୍ୟରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖ୍ୟପତ୍ର ପ୍ରଜ୍ଞାଭାରତୀ ଉନ୍ମୋଚନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନମୁଗ୍ଧ କରଥିଲା । ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଏହି ବାର୍ଷିକ ଉତ୍ସବକୁ ସଫଳ କରିବାରେ ପ୍ରୟାସ କରିଥିଲେ ।

# ୧୮ରେ ଉନ୍ମୋଚିତ ହେବ ବୀରେନ୍ଦ୍ର ସେହ୍ୱାଗଙ୍କ ଦ୍ୱାରା କୋହେନ ଇଣ୍ଟରନ୍ୟାସନାଲ ସ୍କୁଲ ସ୍ପୋର୍ଟସ ଏରିନା




ଭୁବନେଶ୍ୱର,(ପିଏନ)- କୋହେନ ଇଂଟରନ୍ୟାସନାଲ ସ୍କୁଲ (ସିଆଇଏସ)ର ସ୍ପୋର୍ଟସ ଏରିନା ଚଳିତ ମାସ ୧୮ତାରିଖରେ ଖୋର୍ଦ୍ଧାର ଜଟଣୀଠାରେ ଉନ୍ମୋଚିତ ହେବାକୁ ଯାଉଛି । ଭାରତର ପୂର୍ବତନ କ୍ରିକେଟ ତାରକା ପଦ୍ମଶ୍ରୀ ବୀରେନ୍ଦ୍ର ସେହ୍ୱାଗ ଏହି ସ୍କୁଲ ପରିଦର୍ଶନ କରିବା ଅବସରରେ ସ୍ପୋର୍ଟସ ଏରିନାକୁ ଉନ୍ମୋଚନ କରିବା ସକାଶେ ଭୁବନେଶ୍ୱର ଆସୁଛନ୍ତି । କାର୍ଯ୍ୟକ୍ରମରେ ସେ ମୁଖ୍ୟଅତିଥି ଭାବେ ଯୋଗଦେବେ । ଏଥିସହିତ ଭୁବନେଶ୍ୱରର ଲୋକସଭା ସଦସ୍ୟ ଅପରାଜିତା ଷଡଙ୍ଗୀ ଏବଂ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏହି ଉତ୍ସବରେ ଉପସ୍ଥିତ ରହିବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ଜଣେ ଦକ୍ଷ ଗାଣିତିଜ୍ଞ, ଦୂରଦ୍ରଷ୍ଟା ଏବଂ ଜନସେବୀ ଭାବେ ପରିଚିତ କୋହେନ୍ ଇଂଟରନ୍ୟାସନାଲ ସ୍କୁଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଇଂ ଜ୍ୟୋତିରଂଜନ ତ୍ରିପାଠୀ ତାଙ୍କର କୋଚିଂ ପ୍ରତିଷ୍ଠାନ ବିଦ୍ୱାନ କ୍ଲାସେସ୍‌ରେ ବିପୁଳ ସଫଳତା ହାସଲ କରିବାପରେ ସଂପ୍ରତି ସ୍କୁଲ ଶିକ୍ଷା କ୍ଷେତ୍ରକୁ ପ୍ରବେଶ କରୁଛନ୍ତି । ଜାତୀୟସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷା, ଆଇଆଇଟି-ଜେଇଇ/ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ନିମନ୍ତେ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ୨୦୦୮ରେ ବିଦ୍ୱାନ କ୍ଲାସେସ୍ ପ୍ରତିଷ୍ଠା କରାଯାଇଥିଲା । କୋହେନ ଇଂଟରନ୍ୟାସନାଲ ସ୍କୁଲ ଜରିଆରେ ବିଶ୍ୱଶ୍ରେଣୀର ତଥା ନବଯୁଗର ଶିକ୍ଷା ଯୋଗାଇଦେବାକୁ ଇଂ ତ୍ରିପାଠୀ ଲକ୍ଷ୍ୟ ରଖିଛନ୍ତି । କୋହେନ୍‌କୁ କିଛି ହାତଗଣତି ଅନନ୍ୟ ଇଂଟରନ୍ୟାସନାଲ ସ୍କୁଲ ଭାବରେ ଗଢିତୋଳିବା ଲକ୍ଷ୍ୟ ରଖାଯାଇଛି, ଯାହା ଚିରାଚରିତ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ଆଣି ଏବଂ ଶିକ୍ଷା ଆହରଣ ସୁଯୋଗକୁ ଶିକ୍ଷାଦାନ ପଦ୍ଧତିର ଏକ ଆଧାର ଭାବେ ସର୍ବୋଚ୍ଚ ସ୍ତରକୁ ନେଇ ସମୁଦାୟ ଶିକ୍ଷାକୁ ଏକ ନୂଆ ନାମ ଦେବାକୁ ଯାଉଛି ।

କୋହେନ୍ ଇଂଟରନ୍ୟାସନାଲ ସ୍କୁଲ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା, ଉତ୍ସାହିତ କରିବା ତଥା ସେମାନଙ୍କ ମଧ୍ୟରେ ଜ୍ଞାନ, ଶିକ୍ଷା ଆହରଣ ଆଗ୍ରହକୁ ଦୃଢତର କରି ସମଗ୍ର ବିଶ୍ୱରେ ଅନ୍ୟମାନଙ୍କଠାରୁ ଆଗରେ ରହିବା ନିମନ୍ତେ ଗଢିତୋଳିବାକୁ ପ୍ରତିଶ୍ରୁତିବଦ୍ଧ । ଆମର ଉଦ୍ଦେଶ୍ୟ ହେଉଛି 'ସଂପ୍ରୀତି ମାଧ୍ୟମରେ ଉତ୍କର୍ଷତା ହାସଲ' । ଆମର ବିଶ୍ୱାସ ଯେ ପ୍ରତିଟି ପିଲା ସ୍ୱାତନ୍ତ୍ର୍ୟ ରହିଛି ଏବଂ ଆମର ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ସାମ୍ପ୍ରତିକ ସମୟରେ ଉପଲବ୍ଧ ବିଭିନ୍ନ କ୍ଷେତ୍ରରେ ସମ୍ଭାବ୍ୟ ସୁଯୋଗ ଖୋଜିବା ତଥା ସେଥିମଧ୍ୟରୁ ସେମାନଙ୍କର ମନପସନ୍ଦର କୌଣସି ଗୋଟିକୁ ବାଛିବା ଦିଗରେ ସହାୟତା କରିବା । କୋହେନ୍ ଇଂଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସାମଗ୍ରିକ ଶିକ୍ଷା ପ୍ରଦାନ ଲକ୍ଷ୍ୟନେଇ ଅଗ୍ରସର ହେଉଥିବାବେଳେ ଏହା ସର୍ବୋତ୍ତମ ଶିକ୍ଷାଦାନ, କ୍ରୀଡା ଆଦି ଜରିଆରେ ସେମାନଙ୍କୁ ସମର୍ଥକରି ଗଢିତୋଳୁଛି ଏବଂ ତତ୍‌ସହିତ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭିତ୍ତିକ ତଥା ସାମଗ୍ରିକ ବିକାଶ ପାଇଁ ସୃଜନଶୀଳ ଶିକ୍ଷା ଆହରଣ ପଦ୍ଧତିକୁ ସେମାନଙ୍କ ଅଭ୍ୟନ୍ତରରେ ସ୍ଥାପନା ପ୍ରୟାସ କରୁଛି । ଏହି ସ୍କୁଲ ଶାରୀରିକ ଓ ମାନସିକ ପ୍ରଗତି, ବୌଦ୍ଧିକ ବିକାଶ ଉପରେ ପ୍ରାଧାନ୍ୟ ଦେଇ ସାମଗ୍ରିକ ଶିକ୍ଷା ପ୍ରଦାନ କରିବ ଏବଂ କୋହେନ୍ ଇଂଟରନ୍ୟାସନାଲ ସ୍କୁଲ (ସିଆଇଏସ୍) ପ୍ରତ୍ୟେକ ଶିଶୁର ଅନନ୍ୟ ପ୍ରତିଭାର ବିକାଶ ନିମନ୍ତେ ଉପଯୁକ୍ତ ମଂଚ ଯୋଗାଇଦେଇ ସେମାନଙ୍କୁ ଶିକ୍ଷା, କାରୁକଳା, କ୍ରୀଡା ଆଦି ଯେକୌଣସି ସେମାନଙ୍କ ମନପସନ୍ଦର କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାକୁ ଗଢିତୋଳିବ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray